୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.204 Bhubaneswar Saturday September 27, 2025 | ୨୭ତମ ବର୍ଷ ସଂଖ୍ୟା–୨୦୪ ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୭, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS



ଭାରତ ସରକାର ଓଡ଼ିଶା ସରକାର



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ସେବା ହିଁ ସଂକଳ୍ପ
ରାଷ୍ଟ୍ର ହିଁ ପ୍ରଥମ ପ୍ରେରଣା.... ୭୫ ବର୍ଷ



ମୋହନ ଚରଣ ମାଝୀ

ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ସେବା ପର୍ବ-୨୦୨୫

### ~ ₹୬୦,୦୦୦ କୋଟି ମୂଲ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଓ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭ ଉନ୍ମୋଚନ

ପ୍ରଧାନମନ୍ତ୍ରୀ

**ଶ୍ରୀ ନରେନ୍ଦ୍ର ମୋଦୀଙ୍କ**

କରକମଳରେ

୨୭ ସେପ୍ଟେମ୍ବର ୨୦୨୫ | ପୂର୍ବାହ୍ନ ୧୧:୩୦ | ଅମଲିପାଲି ପଡ଼ିଆ, ଝାରସୁଗୁଡ଼ା

#### ଭିତ୍ତିପ୍ରସ୍ତର ସ୍ଥାପନ

**ଆଠଟି IIT** (ଭିଲାଇ, ଧାରୱାଡ଼, ଜମ୍ମୁ, ପଲକ୍କଡ଼, ଯୋଧପୁର, ଇନ୍ଦୋର, ପାଟନା ଏବଂ ତିରୁପତି) ର ଭିତ୍ତିଭୂମି ସମ୍ପ୍ରସାରଣ ସହିତ ଆଗାମୀ ୪ ବର୍ଷରେ **୧୨ ହଜାର** ସିଟ୍ ବୃଦ୍ଧି - **₹ ୧୧,୦୦୦ କୋଟି**

**ସମ୍ବଲପୁର ସିଟି-ସରଲା** ମଧ୍ୟରେ **273 କୋଟି** ଟଙ୍କାର ରେଳ ଫ୍ଲାଇଓଭର

ଭୁବନେଶ୍ୱର IIT ର ସହଯୋଗରେ ସେମିକଣ୍ଡକ୍ଟର ଏବଂ ESDM ପାର୍କ ସ୍ଥାପନା ପାଇଁ ଶିଳାନ୍ୟାସ

#### ନୂତନ ପ୍ରକଳ୍ପ/ ଯୋଜନା

**MERITE** ଯୋଜନା ମାଧ୍ୟମରେ ଇଞ୍ଜିନିୟରିଂ ଏବଂ ପଲିଟେକ୍ନିକ୍ ଶିକ୍ଷାନୁଷ୍ଠାନ ମାନଙ୍କର ଉନ୍ନତୀକରଣ -**₹ ୪,୨୦୦ କୋଟି**

**BSNL** ଦ୍ୱାରା ସ୍ୱଦେଶୀ 4G (5G ପ୍ରସ୍ତୁତ) ନେଟୱର୍କ ସେବା

ଓଡିଶାରେ କୌଶଳ ବିକାଶକୁ ଆଗେଇ ନେବା ପାଇଁ ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନା ସହିତ **₹ ୧,୯୭୯ କୋଟି** ଟଙ୍କାର ପ୍ରକଳ୍ପ

#### କାର୍ଯ୍ୟାଦେଶ ବଣ୍ଟନ

**"ଅନ୍ତ୍ୟୋଦୟ ଗୃହ ଯୋଜନା"** ଅଧୀନରେ **୫୦ ହଜାର** ଘର ନିର୍ମାଣ ନିମନ୍ତେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ବଣ୍ଟନ

#### ଶୁଭାରମ୍ଭ

**ବ୍ରହ୍ମପୁର ଏବଂ ସୁରଟ (ଉଧନା)** ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ

#### ରାଷ୍ଟ୍ରକୁ ସମର୍ପଣ

**କୋରାପୁଟ-ବାଇଗୁଡ଼ା** ରେଳ ଲାଇନ୍ ଦୋହରୀକରଣ -**₹ ୪୮୧ କୋଟି**

**ମାନାବାର-କୋରାପୁଟ-ଗୋରାପୁର** ରେଳ ଲାଇନ୍ ଦୋହରୀକରଣ - **₹ ୯୫୫ କୋଟି**

#### ଉଦ୍‌ଘାଟନ

ରାଜ୍ୟର **୧୩୦ଟି** ଉଚ୍ଚଶିକ୍ଷା ଅନୁଷ୍ଠାନରେ **WI-FI ସୁବିଧା,** ଉପକୃତ ହେବେ **୨.୫ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ - ₹ ୯୦ କୋଟି**

#### ଯୋଜନା ଉନ୍ମୋଚନ

ବୀର ସୁରେନ୍ଦ୍ର ସାଏ ଆର୍ୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ, ବୁର୍ଲା ଏବଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବ୍ରହ୍ମପୁରକୁ ବିଶ୍ୱସ୍ତରୀୟ **ସୁପରସ୍ପେଶାଲିଟି** ଚିକିତ୍ସାଳୟରେ ରୂପାନ୍ତରଣ କରାଯିବ - **₹ ୩,୦୦୦ କୋଟି**

#### ଗରିମାମୟ ଉପସ୍ଥିତି

**ଡ଼. ହରି ବାବୁ କମ୍ଭମପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ଜୁଏଲ ଓରାମ**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ- ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ- ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ସୁରେଶ ପୂଜାରୀ**
ମନ୍ତ୍ରୀ, ଓଡ଼ିଶା ସରକାର
(ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା)

**ଶ୍ରୀ ରବି ନାରାୟଣ ନାଏକ**
ମନ୍ତ୍ରୀ, ଓଡ଼ିଶା ସରକାର
(ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ)

**ଡ଼. ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ଓଡ଼ିଶା ସରକାର
(ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା)

**ଶ୍ରୀ ସୂର୍ଯ୍ୟବଂଶୀ ସୂରଜ**
ମନ୍ତ୍ରୀ, ଓଡ଼ିଶା ସରକାର
(ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି)

**ଶ୍ରୀ ବୈଜୟନ୍ତ ପଣ୍ଡା**
ସାଂସଦ, କେନ୍ଦ୍ରାପଡ଼ା

**ଶ୍ରୀ ପ୍ରଦୀପ ପୁରୋହିତ**
ସାଂସଦ, ବରଗଡ଼

**ଶ୍ରୀ ଜୟନାରାୟଣ ମିଶ୍ର**
ବିଧାୟକ, ସମ୍ବଲପୁର

**ଶ୍ରୀ ଟଙ୍କଧର ତ୍ରିପାଠୀ**
ବିଧାୟକ, ଝାରସୁଗୁଡ଼ା

**ଓଡ଼ିଶା ସରକାର**

DSPL-279
11001/13/0108/2526

**Live on DD News and DD Odia**

Scan for Live View

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ସେପ୍ଟେମ୍ବର ୨୭

# ଭାଷା ବିଶାରଦ ଗୋପାଲ ଚନ୍ଦ୍ର



ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)

ଓଡ଼ିଶାର ଯଶସ୍ୱୀ ସାରସ୍ୱତ ପୁରୁଷ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'ର ପ୍ରଣେତା ଗୋପାଳ ଚନ୍ଦ୍ର ପ୍ରହରାଜ ଜଣେ ସୁପ୍ରସିଦ୍ଧ ଭାଷାତତ୍ୱବିତ୍ ଓ ସୁଲେଖକ । ଭାଷା, ସାହିତ୍ୟ, ସଂସ୍କୃତି ଓ ଜାତି ପ୍ରୀତିବୋଧର ଅଲିଭା ଅଭିବ୍ୟକ୍ତି ହେଉଛି ଉତ୍କଳ କାହାଣୀ, ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ଢ଼ଗଢ଼ମାଳି ଏବଂ ବହୁ ରମ୍ୟ ରଚନା । ସେ ସଂସ୍କୃତ, ଇଂରାଜୀ, ପାର୍ଶୀ, ବଙ୍ଗଳା, ହିନ୍ଦୁସ୍ଥାନୀ ଆଦି ଭାଷାରେ ପଣ୍ଡିତ ଥିଲେ ମଧ୍ୟ ତାଙ୍କର ଭାଷା ଓ ସାହିତ୍ୟ ପ୍ରତି ଅପୂର୍ବ ଶ୍ରଦ୍ଧା ଓ ଅନୁରାଗ ତାଙ୍କର ସମଗ୍ର ଜୀବନ ଓ ବିଜ୍ଞକୁ ସାରସ୍ୱତ ମାର୍ଗରେ ନିୟୋଜିତ କରିବାକୁ ପ୍ରେରଣା ଦେଇଥିଲା । ଭାଷା ବିଶାରଦ ଗୋପାଳଚନ୍ଦ୍ର ପ୍ରହରାଜ ୧୮୭୪ ମସିହା ସେପ୍ଟେମ୍ବର ୨୭ ତାରିଖରେ କଟକ ଜିଲ୍ଲାସ୍ଥ ସିଦ୍ଧେଶ୍ୱରପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ନରସିଂହ ପ୍ରହରାଜଙ୍କ ସତର ଗୋଟି ଝିଅ ଓ ପୁଅଙ୍କ ମଧ୍ୟରୁ ଗୋପାଳଚନ୍ଦ୍ର ଥିଲେ ବଡ଼ ପୁଅ ଓ ଦ୍ୱିତୀୟ ସନ୍ତାନ । ତାଙ୍କ ପୂର୍ବପୁରୁଷମାନେ ପୁରୀ ଜିଲ୍ଲାର ଗୋବିନ୍ଦପୁର ଶାସନର ବ୍ରାହ୍ମଣ ଥିଲେ । ତାଙ୍କ ବଂଶର ପୂର୍ବପୁରୁଷ ସୁଦାମ ଆଚାର୍ଯ୍ୟ ସିଦ୍ଧେଶ୍ୱରପୁରରେ ବାହା ହୋଇ ସେଠାରେ ସ୍ଥାୟୀ ଭାବରେ ଅବସ୍ଥାନ କରିଥିଲେ । ପରବର୍ତୀ ସମୟରେ ତାଙ୍କର ଜଣେ ବଂଶଧର ପ୍ରହରାଜ ଉପାଧି ପାଇଥିଲେ । ପିଲାଦିନେ ଗୋପାଳଚନ୍ଦ୍ର ବହୁତ ଦୁଷ୍ଟ ଥିଲେ । ସେ ତାଙ୍କ ଗାଁଗହଳିରେ ପାଠପଢ଼ା ଆରମ୍ଭ କରିଥିଲେ । ସେତେବେଳେ ଭଲ ପଢୁନଥିବାରୁ ତାଙ୍କ ଅବଧାନଙ୍କୁ ଖୁସି କରିବା ପାଇଁ ଭଲ ଭଲ ଖାଇବା ଜିନିଷ ଦେଉଥିଲେ । ପ୍ରାଥମିକ ଶିକ୍ଷା ଶେଷକରି ସିଦ୍ଧେଶ୍ୱରପୁରରେ ତାଙ୍କ ବାପାଙ୍କ ଦ୍ୱାରା ପ୍ରତିଷ୍ଠିତ ଭର୍ଣ୍ଣାକୁଲାର ସ୍କୁଲରେ ପାଠ ପଢ଼ିଲେ । ତାଙ୍କୁ ଏଗାର ବର୍ଷ ହୋଇଥିବାବେଳେ ୧୮୮୫ ମସିହାରେ ତାଙ୍କ ମା'ମୃତ୍ୟୁବରଣ କରିଥିଲେ । ମା'ଙ୍କ ସ୍ମୃତିରେ ସେ ତାଙ୍କ ପ୍ରଥମ କବିତା ବହି 'ମାତୃ ବିୟୋଗ' ଲେଖିଥିଲେ । ୧୮୮୭ ମସିହାରେ ତେର ବର୍ଷ ବୟସରେ ଉଚ୍ଚଶିକ୍ଷା ପାଇଁ ସେ କଟକ ଆସିଥିଲେ । ସେ କଟକର ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ନାମ ଲେଖାଇଥିଲେ । ସ୍କୁଲରେ ସେ ଭଲ ପଢୁଥିଲେ ଓ ପ୍ରଥମ ତିନିଜଣଙ୍କ ଭିତରେ ରହୁଥିଲେ । ସେ ୧୮୮୧ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀ ଏଂଟ୍ରାନ୍ସ ପାଶ କରିଥିଲେ । ଓଡ଼ିଶାରେ ତୃତୀୟ ସ୍ଥାନ ଦଖଲ କରିଥିବାରୁ ମାସିକ ପନ୍ଦର ଟଙ୍କା ଲେଖାଏଁ ବୃତି ପାଇଥିଲେ । ତା'ପରେ ସେ ରେଭେନ୍ସା କଲେଜରେ ଏଫଏ ଶ୍ରେଣୀରେ ନାମ ଲେଖାଇଲେ ମାତ୍ର କୁସଙ୍ଗରେ ପଡ଼ି ପଢ଼ାପଢ଼ି ନକରିବାରୁ ସେ ଦୁଇଥର ପରୀକ୍ଷାରେ ଫେଲ ହୋଇଥିଲେ । ବାପାଙ୍କ ଠାରୁ ଗାଳିଶୁଣି ଗୋପାଳଙ୍କ ମନ ବଦଳି ଯାଇଥିଲା ଓ ସେ ୧୮୯୪ ମସିହାରେ ପ୍ରଥମ ଶ୍ରେଣୀରେ ଏଫଏ ପାସ୍ କଲେ । ଏହାପରେ ସେ କଲିକତାରେ ଶିବପୁରରେ ଇଞ୍ଜିନିୟରିଂ ପଢ଼ିବାକୁ ଗଲେ । କିନ୍ତୁ ସେଠାରେ ତାଙ୍କ ଦେହ ଖରାପ ହେବାରୁ ବର୍ଷକ ପରେ ଫେରିଆସି ରେଭେନ୍‌ସା କଲେଜରେ ବିଏ ପଢ଼ିଲେ ଓ ୧୮୮୯ ମସିହା ବିଏ ପାସ କଲେ । ୧୯୦୦ ମସିହାରେ ସେ ଲ'ପାସ କରିବା ପରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସହଯୋଗୀ ଭାବରେ ଓକିଲାତି ଆରମ୍ଭ କଲେ । ୧୯୧୪ ମସିହାରେ ତାଙ୍କ ବାପାଙ୍କ ମୃତ୍ୟୁପରେ ସେ ବଡ଼ପୁଅ ଭାବରେ ଘରର ଦାୟିତ୍ୱ ସୁଚାରୁରୂପେ ତୁଲାଇଥିଲେ । ସେ ୧୮ବର୍ଷ ବୟସରେ ମୁକ୍ତାମଣି ଦେବୀଙ୍କୁ ବିବାହ କରିଥିଲେ । ଓଡ଼ିଶା ସାହିତ୍ୟ ପ୍ରତି ଗୋପାଳଚନ୍ଦ୍ରଙ୍କର ବହୁତ ନିଷ୍ଠା ଥିଲା । ସେ ଏକାଧାରାରେ ଥିଲେ ଭାଷାବିତ୍, ପ୍ରାବନ୍ଧିକ, କବି, ଗାଳ୍ପିକ ଓ ସମାଲୋଚକ । 'ପୂର୍ଣ୍ଣଚନ୍ଦ୍ର ଓଡ଼ିଶା ଭାଷାକୋଷ' ତାଙ୍କର ଅନବଦ୍ୟ ସୃଷ୍ଟି । ୧୯୧୩ରୁ ୧୯୪୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦୀର୍ଘ ୨୭ ବର୍ଷ କାଳ ଅକ୍ଳାନ୍ତ ପରିଶ୍ରମ କରି ୧ଲକ୍ଷ ୮୫ ହଜାର ଶବ୍ଦକୁ ଆବିଷ୍କାର କରି ୯୫୦୩ ପୃଷ୍ଠାର ପରିବ୍ୟାପ୍ତ ସାତଖଣ୍ଡରେ ଏହି ବିଶାଳ ଓଡ଼ିଆ ଅଭିଧାନ ପ୍ରଣୟନ କରିଥିଲେ, ଯାହା ଭାରତୀୟ ସାହିତ୍ୟ ଇତିହାସର ଏକ ଅନତିକ୍ରମ ଅଧ୍ୟାୟ । ଭାଷାକୋଷ ବ୍ୟତୀତ ଉତ୍କଳ କାହାଣୀ ୧ମ, ୨ୟ ଭାଗ, ଭାଗବତ ଟୁଙ୍ଗୀରେ ସନ୍ଧ୍ୟା, ବାଇ ମହାନ୍ତି ପାଞ୍ଜି, ମିଆଁ ସାହେବଙ୍କ ରୋଜନାମଚା, ଧୋରେ ବାଇଆ ଧୋ, ଦୁନିଆରେ ହାଲଚାଲ, ନନାଙ୍କ ବସ୍ତାନି, ଆମ ଘରର ହାଲଚାଲ, ବାଇନାନୀଙ୍କ ବୁଜୁଳି, ବାଇଦାସଙ୍କ ଭଜନ ଓ ଶିଶୁଗୀତ, ଢ଼ଗଢ଼ମାଳି ବଚନ ୧ ମ ଓ୨ୟ ଜେଜେବାପାଙ୍କ ଟୁଣିମୁଣି, ସ୍ୱପ୍ନରେ ରାଜଯୋଗ, ଧତରାବନ୍ଧର ପୁଞ୍ଜିପାଞ୍ଜି, ସ୍ୱପ୍ନରେ ରାଜଧାନୀ ଯୋଗ, ମନର ପାଞ୍ଚ, ଭାଷାକୋଷ ପାଇଁ ସଫର, ଦୁନିଆର ରୀତି ଇତ୍ୟାଦି ତାଙ୍କର ଉଲ୍ଲେଖନୀୟ ରଚନାବଳୀ । ସେ ମେ' ୧୬ ତାରିଖ ୧୯୪୫ ମସିହାରେ ଆକସ୍ମିକ ଭାବରେ ଇହଧାମ ତ୍ୟାଗ କରିଥିଲେ ।

*ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର*

# ଓଡ଼ିଶା : ଆକର୍ଷଣୀୟ, ଶାନ୍ତ, ଅବର୍ଣ୍ଣନୀୟ



ଡ଼ଃ.ଅରୁନ୍ଧତୀ ଦେବୀ

ଆକର୍ଷଣୀୟ, ଶାନ୍ତ, ଅବର୍ଣ୍ଣନୀୟ ଓଡ଼ିଶା ଏହି ତିନୋଟି ଶବ୍ଦର ସମାହାର କହିଲେ ଅତ୍ୟୁକ୍ତି ହେବନାହିଁ । ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ରମଣୀୟ ସ୍ଥାନ, ଅନନ୍ୟ ସଂସ୍କୃତି ଏବଂ ସୌହାର୍ଦ୍ଦ୍ୟ ଏବଂ ସ୍ନେହଶୀଳ ଲୋକଙ୍କ ଅପୂର୍ବ ସମାହାର । ୪୮୦ କିଲୋମିଟର ଦୀର୍ଘ ଉପକୂଳ, ନଭଶ୍ଚୁମ୍ବୀ ପର୍ବତମାଳା, ଶାନ୍ତ ହ୍ରଦ ଏବଂ ଚଳଚଞ୍ଚଳ ନଦନଦୀ ତଥା ବିଭିନ୍ନ ବନ୍ୟଜନ୍ତୁ ଅଭୟାରଣ୍ୟ, ସମୁଦ୍ରତଟ, ମନ୍ଦିର, ସ୍ମାରକସ୍ଥଳୀ, କଳା ଏବଂ ପର୍ବପର୍ବାଣୀରେ ଭରପୂର ଓଡ଼ିଶା ସମସ୍ତଙ୍କୁ ଏହା ପ୍ରତି ଆକର୍ଷିତ କରିଥାଏ । ପର୍ଯ୍ୟଟନ ଓଡ଼ିଶାର ଅର୍ଥନୀତିକୁ ପ୍ରମୁଖ ଅବଦାନ ଦେଇଥାଏ । ଭାରତର କିଛି ସ୍ଥାନ ସ୍ୱତନ୍ତ୍ର ମାନ୍ୟତାର ଅଧିକାରୀ ଏବଂ ଓଡ଼ିଶା ଏହା ମଧ୍ୟରୁ ଗୋଟିଏ ବୋଲି ନିଶ୍ଚିତ ଭାବେ କୁହାଯାଇପାରିବ । ଭାରତର ଭାସ୍କର୍ଯ୍ୟ ଏବଂ ଜଳାତ୍ମକ ଐତିହ୍ୟର ବାସ୍ତବିକ ସଂଗ୍ରହାଳୟ ଓଡ଼ିଶାର ପର୍ଯ୍ୟଟନକ ହିଁ ବୁଝାଯାଇଥାଏ ଏବଂ କୋଣାର୍କ ଦେଦୀପ୍ୟମାନ ସୂର୍ଯ୍ୟମନ୍ଦିର, ପୁରୀସ୍ଥିତ ଭବ୍ୟ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ମନ୍ଦିରମାଳିନୀ ସହର ଭୁବନେଶ୍ୱର ଦେଶବିଦେଶର ପଣ୍ଡିତ ଏବଂ ବିଶେଷଜ୍ଞଙ୍କ ଲାଗି ପ୍ରଥମ ପସନ୍ଦ ହୋଇଥାଏ । କ୍ରମାଗତ ବୃଦ୍ଧି ପାଇଥିବା ଅତ୍ୟାଧୁନିକ ପର୍ଯ୍ୟଟକ ଯେଉଁମାନେ ଓଡ଼ିଶା ପର୍ଯ୍ୟଟନ ପ୍ରତି ଆକର୍ଷିତ ମନ୍ଦିର, ପୁରୀ ପର୍ଯ୍ୟଟନ, ଓଡ଼ିଶା ହସ୍ତତନ୍ତ ଯାହା ସାରା ବିଶ୍ୱରେ ପ୍ରସିଦ୍ଧ ଏବଂ ପୁରୀ ଏବଂ ଗୋପାଳପୁର ସମୁଦ୍ରକୂଳ ସମ୍ପର୍କରେ କିଛି ନା କିଛି ଜ୍ଞାନ ରଖିଥାନ୍ତି ।

ପର୍ବପର୍ବାଣି : ଅଗଣିତ ଧର୍ମ, ପୁରାତନ ମନ୍ଦିର, ସ୍ଥାନୀୟ ପୁଣ୍ୟସ୍ଥଳୀ ଏବଂ ପବିତ୍ର ସ୍ଥାନରେ ପରିପୂର୍ଣ୍ଣ ଓଡ଼ିଶାରେ ବାର ମାସରେ ତେର ଯାତ୍ରା ପାଳିତ ହୋଇଥାଏ । ରାଜ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣୀ ମଧ୍ୟରେ ପୁରୀ ରଥ ଯାତ୍ରା, ଚନ୍ଦନ ଯାତ୍ରା, କୋଣାର୍କ ନୃତ୍ୟ ଉତ୍ସବ ଅନ୍ୟତମ । ଓଡ଼ିଶାର ପବିତ୍ର ଭୂମିରେ ତିନିଗୋଟି ଧର୍ମ (ହିନ୍ଦୁ, ବୌଦ୍ଧ ଓ ଜୈନ)ର ବିକାଶ ଘଟିଛି ଯାହା ଖୁବ୍ ଧୁମଧାମରେ ଏହାର ଉତ୍ସବ ପାଳନ କରିଥାନ୍ତି । ଓନିଶାର ସାଂସ୍କୃତିକ ଏବଂ ଧାର୍ମିକ ପରମ୍ପରା ଭାରତରେ ଖୁବ୍ ପ୍ରସିଦ୍ଧ ।

ସମୁଦ୍ରତଟ : ଓଡ଼ଶା ଏହାର ରମଣୀୟ ସମୁଦ୍ର କୂଳ ଲାଗି ପ୍ରସିଦ୍ଧ ଯାହା ଜଣକ ଅବକାଶ ଭାବକୁ ଉଦ୍ରେକ କରିଥାଏ । ସ୍ୱର୍ଣ୍ଣିମ ବାଲୁକାରେ କୋମଳ ଖରାର ସ୍ପର୍ଶ ଜଣକୁ ଆନମନା କରିଦେଇଥାଏ । ଭାରତର ପୂର୍ବ ଉପକୂଳର ପ୍ରାଚ୍ୟ ପର୍ବତମାଳାର ବେଷ୍ଟନୀ ମଧ୍ୟରେ ଅବସ୍ଥିତ ଓଡ଼ିଶା ଦେଶର ଅନ୍ୟତମ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନ ମଧ୍ୟରୁ ଅନ୍ୟତମ । ପୁରୀ ଏବଂ ଚାନ୍ଦିପୁର ସମୁଦ୍ରକୂଳ ପର୍ଯ୍ୟଟକଙ୍କ ସ୍ମୃତିରେ ଚିରଦିନ ପାଇଁ ସାଇତା ହୋଇ ରହିବା ଭଳି ଅଭିଜ୍ଞତା ପ୍ରଦାନ କରିଥାନ୍ତି ।

ପର୍ଯ୍ୟଟନସ୍ଥଳୀ : ଓଡ଼ିଶା ଭ୍ରମଣ ପାଇଁ ଆସୁଥିବା ଦେଶବିଦେଶର ପର୍ଯ୍ୟଟକ ଏହାର ଅଦ୍ଭୁତ ବାସ୍ତୁକଳା ଏବଂ ଐତିହ୍ୟସ୍ଥଳୀର ବିସ୍ମୟକାରୀ ସୌନ୍ଦର୍ଯ୍ୟରେ ପ୍ରଭାବିତ ହୋଇଥାନ୍ତି । ପୁରୀର ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର, ଧଉଳି ଶାନ୍ତିସ୍ତୂପ, ଖଣ୍ଡଗିରି, ଉଦୟଗିରି, ଚିଲିକା ଏବଂ ଆହୁରି ଅନେକ ବୌଦ୍ଧ ଓ ଜୈନ ପର୍ଯ୍ୟଟନସ୍ଥଳୀ ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାନ୍ତି ।

ତୀର୍ଥସ୍ଥଳୀ : ଅଦ୍ଭୁତ ବାସ୍ତୁକଳା ଏବଂ ଅଗଣିତ ମନ୍ଦିରରେ ପରିପୂର୍ଣ୍ଣ ଓଡ଼ିଶା ବର୍ଷସାରା ଦେଶବିଦେଶର ବିଭିନ୍ନ ସ୍ଥାନରୁ ତୀର୍ଥଯାତ୍ରୀଙ୍କୁ ଆକୃଷ୍ଟ କରିଥାଏ । ବିଶ୍ୱ ଐତିହ୍ୟସ୍ଥଳ କୋଣାର୍କ ସୂର୍ଯ୍ୟ ମନ୍ଦିର ବ୍ୟତୀତ ଓଡ଼ିଶା ଶ୍ରୀଜଗନ୍ନାଥଙ୍କ ଧାମ ବୋଲି ବିବେଚନା କରାଯାଇଥାଏ । ଖ୍ରୀଷ୍ଟପୂର୍ବ ୨୦୦୦ ପୂର୍ବର ଗୌରବମୟ ଇତିହାସ ସହିତ ଜଡ଼ିତ ଓଡ଼ିଶା ରଥଯାତ୍ରା ସମୟରେ ଦେଶବିଦେଶରୁ ଲକ୍ଷାଧିକ ଯାତ୍ରା ପୁରୀରେ ରୁଣ୍ଡ ହୋଇଥାନ୍ତି । ଏଥି ସହିତ ଦେଦୀପ୍ୟମାନ ଲିଙ୍ଗରାଜ ମନ୍ଦିର ଓ ଏବଂ ସୁନ୍ଦର କାରୁକାର୍ଯ୍ୟରେ ଖୋଦିତ ମୁକ୍ତେଶ୍ୱର ମନ୍ଦିରକୁ ଦେଖିବା ପାଇଁ ଲକ୍ଷାଧିକ ତୀର୍ଥଯାତ୍ରୀ ମଧ୍ୟ ଆସିଥାନ୍ତି । ହିନ୍ଦୁ, ଜୈନ ଏବଂ ବୌଦ୍ଧ ଧର୍ମାବଲମ୍ବୀଙ୍କ ଲାଗି ପବିତ୍ର ସ୍ଥଳୀ ଭାବେ ପରିଚିତ ଓଡ଼ିଶା ତୀର୍ଥଯାତ୍ରୀଙ୍କ ଲାଗି ପରମ କେନ୍ଦ୍ରସ୍ଥଳ ।

ବନ୍ୟଜନ୍ତୁ : ପ୍ରକୃତିପ୍ରେମୀଙ୍କ ଅନ୍ତିମ ଲକ୍ଷ୍ୟସ୍ଥଳୀ ଭାବେ ଓଡ଼ିଶା ଦୁଃସାହସିକ ବନ୍ୟଜନ୍ତୁ ଭ୍ରମଣ ଲାଗି ସୁଯୋଗ ପ୍ରଦାନ କରିଥାଏ । ଭାରତରେ ବନ୍ୟ ଉଦ୍ୟାନ ଏବଂ ଅଭୟାରଣ୍ୟ ପାଇଁ ପ୍ରସିଦ୍ଧ ଓଡ଼ିଶା ଅଗଣିତ ବିରଳ ବନସ୍ପତି ଏବଂ ଜୀବଜନ୍ତୁ ପ୍ରଜାତିର ଆଶ୍ରୟସ୍ଥଳୀ । ସବୁଠୁ ଗହନ ଜଙ୍ଗଲ ଏବଂ ନାଲି ରେଶମ ପଶମ ଶାଢ଼ି, ବନ୍ୟ ଉଦ୍ୟାନର ଅଧିକାରୀ ଓଡ଼ିଶା ଏସୀୟ ସିଂହର ଜନ୍ମସ୍ଥଳୀ ଭାବେ ନିଜକୁ ପ୍ରମାଣିତ କରିସାରିଛି । ଓଡ଼ିଶାରେ ୬୬୧୧.୧୨ ବର୍ଗକିଲୋମିଟର ପରିମିତ ସଂରକ୍ଷିତ ଅଞ୍ଚଳ ନେଟୱାର୍କରେ ୧୮ଗୋଟି ଅଭୟାରଣ୍ୟ, ଏକ ଜାତୀୟ ଉଦ୍ୟାନ ଏବଂ ଗୋଟିଏ ପ୍ରସ୍ତାବିତ ଜାତୀୟ ପାର୍କ ଅବସ୍ଥିତ । ଏହି ବନ୍ୟ ଉଦ୍ୟାନଗୁଡ଼ିକ ରାଜ୍ୟର ୪.୨୫ ଭୌଗୋଳିକ ଅଞ୍ଚଳ ଏବଂ ୧୧.୩୭ ବନାଞ୍ଚଳକୁ ନେଇ ଗଠିତ । ଏଥିସହିତ ଓଡ଼ିଶାର ଅତୁଳନୀୟ କଳା ସଂସ୍କୃତି ଓ ପରମ୍ପରା ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ପ୍ରତିବର୍ଷ ରାଜ୍ୟକୁ ସେମାନଙ୍କୁ ରାଜ୍ୟକୁ ଟାଣି ଆଣିଥାଏ ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,*

*ଦୂରଭାଷ : ୯୯୩୭୧୭୨୮୧୦*

# ଶକ୍ତି ଧର୍ମ ଓ ନବରାତ୍ର

**ହେମନ୍ତ କୁମାର ପରିଡ଼ା**

ସମୟର ସ୍ରୋତରେ କେବଳ ଉତ୍କଳ ନୁହେଁ ସମଗ୍ର ଭାରତ ବର୍ଷରେ ବହୁ ଧର୍ମ ଅବାରିତ ଧାରାରେ ପ୍ରବାହିତ ହୋଇ ଏହାକୁ କରିଛି ଆପ୍ଲୁତା ତନ୍ମଧ୍ୟରୁ ଶାକ୍ତ ଧର୍ମ ଅନ୍ୟତମ । ଶାକ୍ତଧର୍ମ କହିଲେ; ଯେଉଁ ଧର୍ମୀୟ ଚେତନାରେ ଶକ୍ତିଙ୍କୁ ସର୍ବୋଚ୍ଚ ସ୍ଥାନ ପ୍ରଦାନ କରାଯାଇ ଉପାସନା କରାଯାଏ । ଏ ଧାରାର ବିଭିନ୍ନ ଅଙ୍ଗ ମଧ୍ୟରୁ ତନ୍ତ୍ର ସର୍ବ ପ୍ରଧାନ । ତନ୍ତ୍ର କହିଲେ, ଏକ ନିର୍ଦ୍ଦିଷ୍ଟ ଅନୁସୃତ ପଦ୍ଧତି, ନିୟମ ବା ବିଧି ଅଥବା ଶାସ୍ତ୍ରର ସମନ୍ୱୟକୁ ବୁଝାଏ । ଏହି ଉକ୍ତିକୁ ଦେବୀ ଭଗବତାଦି ଗ୍ରନ୍ଥମାନେ ବେଦାଙ୍ଗ ରୂପ ପ୍ରଦାନ କରିଛନ୍ତି । ଯାହାର ଆଶ୍ରୟରେ ମାନବଗଣ ଆପଣାର ଆଧ୍ୟାତ୍ମିକ ଜ୍ଞାନକୁ ବିସ୍ତାରିତ କରି ନୈସର୍ଗିକ ଆନନ୍ଦ ଲାଭ କରିଥାନ୍ତି । ଏହାର ଉପାସକଗଣ ସର୍ବଦା ଶକ୍ତିବାଦରେ ବିଶ୍ୱାସୀ । ସେମାନଙ୍କୁ ଚିନ୍ତା ଓ ଚେତନାରେ ସୃଷ୍ଟିର ସକଳ କ୍ରିୟା ଶକ୍ତିଦ୍ୱାରା ହିଁ ନିୟନ୍ତ୍ରିତ ତଥା ପରିଚାଳିତ । କାରଣ ଶକ୍ତିବିନା ଶିବ ଶବରେ ପରିଣତ ହୋଇଯାନ୍ତି । 'ଶିବୋଽଣି ଶବତଂଯାତି' ଜଗତର ଶକ୍ତି ବୈକୃତିକ ରହସ୍ୟ ଏକ ବିଶାଳ ଦ୍ରୁମ୍ ଆଖ୍ୟାରେ ଆଖ୍ୟାୟିତ ହେଲେ ମଧ୍ୟ ଏ ମହାଦ ମର ପ୍ରଥମ ସ୍ତର ବୀଜ ।

ଆସିଛି ଆଶ୍ୱିନ । ପାର୍ବଣର ପରିବେଶ । ବିଲମାଳ, ନଈପଠାରେ କାଶତଣ୍ଡିର ଫେନିକ ରାହାସ । ମା'ଆସୁଛନ୍ତି । ଦୁର୍ଗତି ନାଶିନୀ ମୋକ୍ଷପ୍ରଦାୟିନୀଙ୍କ ଆଗମନରେ ଧାରଣୀ ଚଳଚଞ୍ଚଳ । ଶିଳ୍ପୀ ହାତରେ ରଙ୍ଗର ପସରା । ପବନରେ ଭାସି ଆସୁଛି ମା'ଙ୍କର ଆଗମନର ଗୀତିକା । ମା' ଓହ୍ଲାଇଛନ୍ତି ଧରାପୃଷ୍ଠକୁ । ଦୁଃଖ, ଶୋକ ହରଣ କରି ସବୁରି ଓଠରେ ଭରିଦେବେ ଶାନ୍ତି-ମୈତ୍ରୀର ବାଣୀ । ଦେବୀଙ୍କ ଆଶୀର୍ବାଦରେ ସବୁ ପ୍ରତିକୂଳ ହେବ ସାଧନମୁକ୍ଷୀ । ଘନ ଅନ୍ଧକାରରେ ମା'ଦେବେ ନିରନ୍ତର ଆଲୋକର ସନ୍ଧାନ । ତାଙ୍କରି କୃପା ଦୃଷ୍ଟିରେ ସକଳ ବ୍ୟାଧି ଦୂରେଇଯିବ । ପୋଛି ହୋଇଯିବ ସବୁ ସନ୍ତାପ । ସବୁ ଅଭାବ ପାଲଟିଯିବ ପୂର୍ଣ୍ଣତାରେ । ମା'ସୃଷ୍ଟି ସ୍ଥିତି ବିନାଶର ଆଧାର । ତାଙ୍କରି ଇଚ୍ଛାରେ ଆତଯାତ ଏ ସଂସାର । ଆଜିଠାରୁ ଆରମ୍ଭ ହେଉଛି ମା'ଦୁର୍ଗତିନାଶିନୀଙ୍କ ପବିତ୍ର ନବରାତ୍ରି ଉତ୍ସବ । ଏହି ନବରାତ୍ରିରେ କିଏ ଉପବାସ ରଖିଛି, ପୁଣି କିଏ ମାନସିକରେ ମା'ଦୁଆରରେ ଦୀପ ଜାଳୁଛି । ମା'ଙ୍କର ଏହି ନବଦିନାତ୍ମକ ଯାତ୍ରାରେ ଦେଶ ବିଦେଶର ସମସ୍ତ ଶକ୍ତିପୀଠ ଉତ୍ସବମୁଖର । ଏହି ନଅ ଦିନ ମା'ମହିଷାମର୍ଦ୍ଦିନୀ ଭିନ୍ନ ଭିନ୍ନ ସ୍ୱରୂପରେ ଭକ୍ତଙ୍କୁ ଦର୍ଶନ ଦେଇ ଅଭୟ ପ୍ରଦାନ କରିବେ । 'ପ୍ରଥମଂ ଶୈଳପୁତ୍ରୀ ଚ, ଦ୍ୱିତୀୟଂ ବ୍ରହ୍ମଚାରିଣୀ । ତୃତୀୟଂ ଚନ୍ଦ୍ରଘଣ୍ଟେତି, କୁଷ୍ମାଣ୍ଡେତି ଚତୁର୍ଥକମ୍ । ପଞ୍ଚମଂ ସ୍କନ୍ଦମାତେତି, ଷଷ୍ଠଂ କାତ୍ୟାୟନୀତି ଚ । ସପ୍ତମଂ କାଳରାତ୍ରୀତି, ମହାଗୌରୀ ଚାଷ୍ଟମମ୍ । ନବମଂ ସିଦ୍ଧିଦାତ୍ରୀ ଚ, ନବଦୁର୍ଗାଃ ପ୍ରକୀର୍ତିତାଃ, ଅକ୍ତାନ୍ୟେତାନି ନାମାନି, ବ୍ରାହ୍ମଣୈବ ମହାତ୍ମନା ।'

ଦେବୀଭାଗବତ କହିଲେ; ପ୍ରଜାପତି ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ମହିଷାସୁର ଦେବଗଣଙ୍କୁ ସ୍ୱର୍ଗଚ୍ୟୁତ କରିବା ପାଇଁ ଆକ୍ରମଣ କରିବାରୁ ବ୍ୟଥିତ ଦେବଗଣ ପ୍ରତିକାର ବିଧାନାର୍ଥେ ଭଗବାନ ବିଷ୍ଣୁଙ୍କର ଶରଣାପନ୍ନ ହୁଅନ୍ତି । ପଦ୍ମନାଭ ଦେବଗଣଙ୍କ ଦୁଃଖ ଶୁଣି କହିଲେ, ଏ ଦୈତ୍ୟ କୌଣସି ପୁରୁଷ ଶକ୍ତି ହସ୍ତରେ ନିଧନ ହେବ ନାହିଁ ଓ ବରପ୍ରାପ୍ତି ଅନୁଯାୟୀ ନାରୀ ହସ୍ତରେ ତାହାର ମୃତ୍ୟୁ ହେବ; ତେଣୁ ଏକ ସର୍ବଶକ୍ତିମୟୀ ନାରୀଙ୍କ ସୃଷ୍ଟି ଏକାନ୍ତ ଅପରିହାର୍ଯ୍ୟ । ଯଦି ସକଳ ଦେବତା ସେମାନଙ୍କର ଅଙ୍ଗୀକୃତ ନାରୀଶକ୍ତିକୁ ଜାଗ୍ରତପୂର୍ବକ ଏକତ୍ରିତ କରନ୍ତି ତେବେ ତଦ୍‌ଭବ ଶକ୍ତି ହିଁ ତାହାର ନିଧନର କାରଣ ବୋଲାଇବେ । ଏହା ଶୁଣି ଦେବଗଣ ସ୍ୱ ସ୍ୱ ଅଙ୍ଗରୁ ନାରୀଶକ୍ତିକୁ ଜାଗ୍ରତ ପୂର୍ବକ ଏକୀଭୂତ କରିବାକୁ ଲାଗିଲେ । ଉକ୍ତି ସମ୍ମିଳିତ ଶକ୍ତିରୁ ଯେଉଁ ନାରୀ ମୂର୍ତ୍ତି ସୃଷ୍ଟି ହେଲେ, ସେହିଁ ମହାମାୟା ମହାଶକ୍ତି ରୂପ ଧାରଣ କଲେ । ମାତ୍ର ମାର୍କଣ୍ଡେୟ ପୁରାଣୋକ୍ତ ଦେବୀମହାତ୍ମ୍ୟ କୁହନ୍ତି - ଦାନବର ଅତ୍ୟାଚାରରେ ଅତ୍ୟାଚାରିତ ଦେବଗଣଙ୍କ ସମ୍ମିଳିତ କ୍ରୋଧ ଏକ ବିରାଟ ଜ୍ୟୋତିପୁଞ୍ଜର ରୂପ ଧାରଣ କରି ଗଗନ ଚୁମ୍ବୀ ହୁତାସନ ସମ ପ୍ରଜ୍ୱଳିତ ହେବାକୁ ଲାଗିଲା । ସେଥିରୁ ଉଦ୍‌ଭବ ଘଟିଲା ଏକ ନାରୀର । ଅର୍ଥାତ୍ ଦେବଗଣଙ୍କ ଏକୀଭୂତ ଶକ୍ତିୟ ରୂପରେ ତାଙ୍କର ଆତ୍ମ ପ୍ରକାଶ ହେଲା । ସମବେତ ଦେବଗଣ ପୁନଶ୍ଚ ସ୍ୱ ସ୍ୱ ତେଜ ପୁଞ୍ଜରୁ ଅସ୍ତ୍ରଶସ୍ତ୍ରମାନ ଉତ୍ପନ୍ନ କରି ତାହାଙ୍କୁ ପ୍ରଦାନ ପୂର୍ବକ ମହାଶକ୍ତିରେ ପରିଣତ କଲେ । ଅନ୍ୟଥା ଯେ ମାତୃ ଶକ୍ତିକୁ ମନ ମଧ୍ୟରେ ଅନୁଭବ କରି ନପାରେ ବା ଭଗବତୀ ଶକ୍ତି ରୂପିଣୀ 'ମା'ର ପୂଜା ନ କରେ ବ ତାହାର ଶୁଭ ଆଗମନରେ ଆନନ୍ଦ ଅନୁଭବ ନକରେ ସେ କଦାପି କର୍ମ ଶକ୍ତିର ଆନନ୍ଦକୁ ଉପଲବ୍ଧି କରିପାରିବ ନାହିଁ । ଫଳତଃ ସେ ସତ ପ୍ରକୃତିର ବଶବର୍ତୀ ହେବା ପରିବର୍ତେ ଅସତ୍ ପ୍ରକୃତିର ବଶବର୍ତୀ ହୋଇଥାଏ । କର୍ମମୟ ଜୀବନରେ ଉତ୍ସାହ, ନିଷ୍ଠା, ପ୍ରେରଣା ପାଇବା ପରିବର୍ତେ ନିରୁତ୍ସାହିତ, ଗ୍ଲାନି, ପରାଜୟ, କର୍ମକୁଣ୍ଠା ତଥା ହିଂସାର ଭାବକୁ ମନ ମଧ୍ୟରେ ସ୍ଥାନ ଦେଇଥାଏ । ଏଜଗତରେ ମାତୃଶକ୍ତି ହିଁ ଅପରାଜେୟ ଆଦ୍ୟାଶକ୍ତି ରୂପେ ଯୁଗେ ଯୁଗେ ସମ୍ବୋଧିତା । ପ୍ରତ୍ୟେକ ଦେବତାର ବୈଶିଷ୍ଟ୍ୟ ତାଙ୍କର ସ୍ୱତନ୍ତ୍ର କ୍ଷମତାରେ । ଅପରାଜେୟ ମାତୃଶକ୍ତିର ଅଧିକାରୀ ହେବାପାଇଁ ପ୍ରତିଟି ପ୍ରାଣରେ ମହାମାୟାଙ୍କ କରୁଣା ଅପରିହାର୍ଯ୍ୟ । ତେଣୁ ପବିତ୍ର ଆବିର୍ଭାବୋତ୍ସବ (ଶରତ କାଳରେ) ମାନବ ମାତୃଶକ୍ତିର ଉପାସନା କରିବା ପୂର୍ବକ ସେହି ଶକ୍ତିରେ ଶକ୍ତିମନ୍ତ ହୋଇ ଜୀବନକୁ କର୍ମ ଚଞ୍ଚଳ ଓ ଆନନ୍ଦ ମୁଖର କରିବା ବିଧେୟ । ଏହା ଏ ଜଗତର ଏକ ପ୍ରଚଳିତ ଧାରା । କେଉଁ ପ୍ରାଚୀନ କାଳରୁ ଏ ଧାରା ପ୍ରତିଟି ପ୍ରାଣରେ ପ୍ରବଳ ବେଗଗାମୀ ସ୍ରୋତସ୍ୱିନୀ ସମ ପ୍ରବାହିତ ହେଉଛି । ଦେବୀ ନିଜେ କହିଛନ୍ତି ଯେ, ଶରତ କାଳରେ ଯେ ମୋର ବର୍ଷକୁ ଭକ୍ତିପୂତ ଭାବରେ ଆରାଧନା କରି ଶ୍ରଦ୍ଧାର ସହିତ ମୋର ମହାତ୍ମ୍ୟକୁ ଶ୍ରବଣ କରନ୍ତି, ସେମାନେ ମୋର ପ୍ରସାଦରୁ ସକଳ ବିଘ୍ନକୁ ଅତିକ୍ରମ ପୂର୍ବକ ଧନ୍ୟ, ଧାନ୍ୟ, ସ୍ତ୍ରୀ, ପୁତ୍ର ଇତ୍ୟାଦି ଲାଭ କରନ୍ତି । 'ଶରତ କାଳେ ମହାପୂଜା କ୍ରୟତେ ଯାଚ ବାର୍ଷିକୀ, ତସ୍ୟା ମମୈ ତନ୍ମାହାତ୍ମ୍ୟଂ ଶ୍ରୁତ୍ୱାଭକ୍ତି ସମନ୍ୱିତଃ । ସର୍ବବାଧା ବିନିର୍ମୁକ୍ତୋ ଧନ୍ୟଧାନ୍ୟ ସୁତନ୍ୱିତଃ, ମହକ୍ଷ୍ୟୋ ମତ୍ ପ୍ରମାଦେନ ଭବିଷ୍ୟତିନ ସଂଶୟଃ ।'

*ମାଳତୀ କୁଞ୍ଜ, ପ୍ଲଟ-ନଂ-୫୨୬ ଡି, ସେକ୍ଟର-୧୦, ସିଡ଼ିଏ, କଟକ, ମୋ- ୮୭୬୩୧୦୭୧୨୬*

# ମନୁଷ୍ୟତା ଓ ସଭ୍ୟତାର ପ୍ରତୀକ ରାମ

**ଗୋପାଳ ମହାପାତ୍ର**

ଶାରଦୀୟ ନବରାତ୍ରୀ ହିନ୍ଦୁ ସଂସ୍କୃତିର ଏକ ପ୍ରମୁଖ ଉତ୍ସବ । ସତ୍ୟର ବିଜୟର ପ୍ରତୀକ ଭାବେ ନବରାତ୍ରୀର ଅଷ୍ଟମ ଦିନକୁ ଦଶହରା ଭାବେ ପାଳନ କରିବାର ପରମ୍ପରା କାହିଁ କେତେ ଯୁଗରୁ ରହି ଆସିଛି । ଆଯୋଧ୍ୟା ନନ୍ଦନ ରାମ ଲଙ୍କାପତି ରାବଣକୁ ବଧ କରିଥିଲେ ଏହି ଦିନ । ଏହି ଉତ୍ସବ ବା ପର୍ବ ରାମଙ୍କ ବିଭିନ୍ନ ପକ୍ଷକୁ ଉଜାଗର କରିଥାଏ । ଏଥିରେ ରାମଙ୍କ ମାନବୀୟ ରପ ଭାରତୀୟ ଜନତାଙ୍କ ପାଇଁ ମହାନାୟକତ୍ୱ ଅଟେ । ରାମଙ୍କ ଜୀବନ ଏକ ଗହନ ସାଂସ୍କୃତିକ ପାଠ । ଏହା ଏମିତି ଏକ ବର୍ଣ୍ଣମାଳା ଯେଉଁଥିରେ କୋହ୍ଲ, କିରାତ, ଭିଲ ବନବାସୀ, ସମସ୍ତେ ସାମିଲ । ତାଙ୍କ ଉତ୍ସବ ଅତୀତର ସମାରୋହଣ ନୁହେଁ, ବର୍ତ୍ତମାନ ପାଇଁ ମଧ୍ୟ ସର୍ବଶ୍ରେଷ୍ଠ ଦିଗ୍‌ଦର୍ଶନ ଅଟେ । ଯେପରିକି- ବିରୋଧାତ୍ମକ ପରିସ୍ଥିତିକୁ ଅନୁକୂଳରେ ପରିଣତ କରିବା, ସମୟ-ପ୍ରବନ୍ଧନ, ମିତ୍ର- ବିସ୍ତାର, ଆକାଂକ୍ଷା-କୁ ସିମୀତ କରିବା, ଉଦେଶ୍ୟ ପାଇଁ ଗାଦୀ (ଶାସନ) ପରିତ୍ୟାଗ, ମିତ୍ରଙ୍କୁ ସହାୟତା, ଶତ୍ରୁଠାରୁ ତାର ଭଲଗୁଣ ଶିକ୍ଷା କରିବା, ନିଜ ଲୋକଙ୍କୁ ବା ଟିମ୍‌କୁ ଗୁଣାତ୍ମକ ନେତୃତ୍ୱ ଦେବା, ସହଯୋଗୀକୁ ସୁରକ୍ଷା ଦେବା ସହ ତାକୁ ସ୍ଥାପିତ କରିବା ଆଦି । ଶାସନର ବିଭିନ୍ନପକ୍ଷ, ପରିବାରର ସରସ-ନୀରସ ପ୍ରସଙ୍ଗ, ଘାତ- ପ୍ରତିଘାତ, ନିଷ୍ଠା ଓ କୃତଘ୍ନତା ଆଦି ପ୍ରକ୍ରିୟା ଠାରୁ ମନୁଷ୍ୟରୁ ମନୁଷ୍ୟତ୍ୱର ପାଲଟିବାର ମହାଗାଥା ସୂକ୍ଷ୍ମ ଭାବରେ କେବେ ପ୍ରକଟ, କେବେ ଅପ୍ରକଟ ଢ଼ଙ୍ଗ ରାମଙ୍କ ଜୀବନ ଓ ଆଖ-ପାଖର ସନ୍ଦର୍ଭରେ ଦେଖା ଯାଇଥାଏ । ଅର୍ଥାତ୍ ଏହା ଏମିତି ଏକ ଭାରତୀୟ ଜୀବନାନୁଭବର ପ୍ରକ୍ରିୟା ଯାହା ରାମଙ୍କ ସହ ଯୋଡି ହୋଇଛି ଏସବୁ କବିତା, କଥା, ପୌରାଣିକତା ର ବହୁ ଦୁରରେ ଓ କିଂଚିତ ଐତିହାସିକତାରେ ମଧ୍ୟ ପ୍ରବେଶ କରିଯାଇଛି । ରାମ କଥାର ଭାଷା ଜନତାଙ୍କୁ ଆନନ୍ଦିତ କରିଥାଏ, ବିମୋହିତ କରିଥାଏ, ଏଣୁ ଜନତା ଏହାକୁ ଆଦରି ନେଇଥାଁନ୍ତି । ଏମିତି କୌଣସି ଗାଁ ନାହିଁ ଯେଉଁଠି ରାମଲୀଳା ହୁଏ ନାହିଁ । ରାମଲୀଳା ହେଉଛି ମନୁଷ୍ୟତାର ଲୀଳା । ମନୁଷ୍ୟରୁ ମନୁଷ୍ୟର ହେବାର ଲୀଳା । ଆଜିର ସମୟରେ ମଣିଷ ସାଇବର ସ୍ପେସ ଓ ପୌରାଣିକ ଯୁଗ ଉଭୟକୁ ଏକା ସାଥିରେ ନେଇ ଚାଲିଛି । ଉତର ଆଧୁନିକତା ଏହାକୁ ବର୍ତମାନରେ ଅତୀତର ଉପସ୍ଥିତି ବୋଲି ଆଖ୍ୟା ଦେଉଛି । ଆଜିବି ଆମେ ଆତଙ୍କ, ଅଶିକ୍ଷା, ଖାଦ୍ୟାଭାବ, ଦାରିଦ୍ର୍ୟ, ଚାପ, ସମ୍ପର୍କହୀନତା ବିରୁଦ୍ଧରେ ସଂଘର୍ଷ କରିବା ସହ ପରିବର୍ତନ ଆଡ଼କୁ ଗତି କରୁଛେ । ଏକଥା ସତ୍ୟ ଯେ କୌଣସି ଯୁଗର ସଂସ୍କୃତି ଏବଂ ତାର ମୂଲ୍ୟ ନୂଆ ଶକ୍ତି, ଅନ୍ୱେଶଣ ଏବଂ ବିଚାରରୁ ଉତ୍ପନ୍ନ । ସମସ୍ୟାର ଚାଲେଞ୍ଜକୁ ସ୍ୱୀକର କରିବାରେ ଅସମର୍ଥ ହେବାର ଅର୍ଥ ହେଉଛି ସମାଜ ଏବେ ସଭ୍ୟତା ସଙ୍କଟର ଶୀକାର ହୋଇଯାଇଛି । କିନ୍ତୁ ଭାରତୀୟ ମାନସିକତା ଆଜି ବି ନିଜର ସୃଜନାତ୍ମକ ଓ ସାଂସ୍କୃତିକ ସ୍ରୋତ, ଏହାର କାଳ୍ପନିକ ଓ ବିକସିତ ହେଉଥିବା ସୌନ୍ଦର୍ଯ୍ୟ ଶାସ୍ତ୍ରକୁ ବୁଝିବା ଓ ସକାରାତ୍ମକ ପକ୍ଷକୁ ଧାରଣ କରିବାରେ ସମର୍ଥ । ରାମଙ୍କ ପ୍ରସଙ୍ଗର ଆଧାର କରି ତାଙ୍କ କଥା/ କାର୍ଯ୍ୟକୁ ନିରିଖେଇ ଦେଖିଲେ ଅନେକ ନିଷ୍କର୍ଷ ବାହାରେ । ରାମଙ୍କ ଜୀବନ ଅନ୍ତଃ କିବିତାହିଁ ଥିଲା ଯାହା ଏବେବି ଲୋକଙ୍କୁ ଆମୋଦିତ କରୁଛି । ସମସ୍ତେ ନିଜ ନିଜର ରାମଙ୍କୁ ନିଜ ଭିତରେ ସୃଜିତ କରିଛନ୍ତି । ନୈତିକ ଢ଼ାଞ୍ଚାରେ ବାନ୍ଧିବା ବୃହତ୍ତରତାକୁ ସୀମିତ କରିବା ତାଙ୍କ ବ୍ୟକ୍ତିତ୍ୱରେ ସମ୍ପର୍କର ଛାୟା ନୂଆ ଆକାର ନେଇଥାଏ । ପ୍ରାରମ୍ଭିକ ଜୀବନରେ ଶାସନ ଗାଦିର ତ୍ୟାଗର ଅପୂର୍ବ ଧାରଣା ନଜରକୁ ଆସେ ।

*ରାମଚନ୍ଦ୍ରପୁର, ରଣପର*

*ମୋ-୯୪୩୮୪୮୫୦୯୪*

# ସତ୍ୟ ଓ ଅଂହିସାର ଆଲୋକ ବର୍ତିକା ଥିଲେ ମହାତ୍ମା ଗାନ୍ଧୀ



ଉମାଶଙ୍କର ପ୍ରସାଦ

ଯେତେବେଳେ କୌଣସି ଜାତି ସଙ୍କଟର ସମ୍ମୁଖୀନ ହୋଇ ଅବହେଳିତ ଓ ନିଷ୍ପେଷିତ ହୋଇଥାଏ , ସେତେବେଳେ ଜଣେ ମହାମାନବ ଆବିର୍ଭୂତ ହୋଇ ଦେଶ ଓ ଜାତିକୁ ରକ୍ଷା କରିଥାନ୍ତି । ଭାରତ ଯେତେବେଳେ ଦୁଇଶହ ବର୍ଷର ପରାଧୀନତାର ଶୃଙ୍ଖଳରେ ଆବଦ୍ଧ ହୋଇ ଦୁଃଖ ନିର୍ଯ୍ୟାତନା ଅନଳରେ ଦଗ୍ଧ ହେଉଥିଲା, ସେତେବେଳେ ନିରାଶ, ଆଶଙ୍କାରେ ବୁଭୁକ୍ଷୁ ଜନତାଙ୍କ ହୃଦୟରେ ବଂଚିବାର ଆଶା ଯିଏ ଯାଗ୍ରତ କରାଇଲା ସେ ଥିଲେ ଜାତିର ଜନକ ମହାତ୍ମାଗାନ୍ଧୀ ଯାହାଙ୍କ ଐକାନ୍ତିକ ନିଷ୍ଠା ଓ ନିରବିଚ୍ଛିନ୍ନ ଚେଷ୍ଟା ତାକୁ ମୁକ୍ତ କରିବାରେ ସମର୍ଥ ହୋଇଥିଲା । ଅନେକ ତାଙ୍କୁ ଏ ଶତାବ୍ଦୀର ମାନବରୂପୀ ଇଶ୍ୱର ବୋଲି ଆଖ୍ୟା ଦେଇଥିଲେ । ଜଣେ ମହା ମନୀଷୀ ଡ.ଜେ ଏଚ ହୋମ୍ସ ନିଜର ମତ ବ୍ୟକ୍ତ କରି କହିଥିଲେ ଗୌତମ ବୁଦ୍ଧଙ୍କ ପରେ ଶ୍ରେଷ୍ଠ ଭାରତୀୟ ଓ ଯୀଶୁଖ୍ରୀଷ୍ଟଙ୍କ ପରେ ଶ୍ରେଷ୍ଠ ମନୁଷ୍ୟ ହେଲେ ଗାନ୍ଧୀ । ପିଲାଦିନର ନାଁ ଥିଲା ମୋହନଦାସ କରମଚାନ୍ଦ ଗାନ୍ଧୀ । ୧୮୬୯ ମସିହା ଅକ୍ଟୋବର ମାସ ୨ ତାରିଖରେ ସେ ଧରାବରଣ ହୋଇଥିଲେ । ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହେଲାପରେ ବାରିଷ୍ଟର ପଢିବାକୁ ୧୮୮୮ ରେ ବିଲାତ ଯାତ୍ରା କରିଥିଲେ । ତାଙ୍କ ଜୀବନର ପ୍ରତ୍ୟେକଟି କାର୍ଯ୍ୟ ମାନବ ସମାଜ ପାଇଁ ସ୍ପୃହଣୀୟ ଓ କରଣୀୟ । ୧୯୪୮ ମସିହା ଜାନୁୟାରୀ ମାସ ୩୦ ତାରିଖରେ ମହାତ୍ମା ଗାନ୍ଧୀ ରୂପୀ ଆଲୋକ ବର୍ତିକା ଅସ୍ତମିତ ହୋଇ ଯାଇଥିଲା । ଠିକ୍ ତାର ଗୋଟିଏ ଦିନ ପରେ ଜାନୁୟାରୀ ୩୧ ତାରିଖରେ 'ନ୍ୟିୟର୍କ ଟାଇମ୍‌ସ' ଲେଖିଥିଲା ଆମମାନଙ୍କ ଜୀବନରୁ ଏକ ମହାନ ଆଲୋକ ଅସ୍ତମିତ ହୋଇ ଯାଇଛି । ଅନ୍ୟାୟ, ଅତ୍ୟାଚାରର ଅନ୍ଧକାର ଭିତରେ ଗାନ୍ଧିଜୀ ଥିଲେ ଆଲୋକବର୍ତ୍ତିକା ସ୍ୱରୂପ । ତତ୍କାଳିନ ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଶୋକସନ୍ତପ୍ତ ଭାରତବାସୀଙ୍କୁ ତାଙ୍କର ଶୋକାକୂଳ ବାର୍ତାରେ କହିଥିଲେ " The light has gone out of our lives and there is darkness every where" । ଆମ ଦେଶର ମହାନ ଦାର୍ଶନିକ ତଥା ଜନନାୟକ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ କହିଥିଲେ ଗାନ୍ଧୀ ହେଉଛନ୍ତି ଏପରି ଜଣେ ବ୍ୟକ୍ତିତ୍ୱ ଯାହାଙ୍କ ହୃଦୟରେ ସାହସ ଥିଲା, ଆତ୍ମା ଭିତରେ ଶାଳୀନତା ରହିଥିଲା ଏବଂ ଜଣେ ନିର୍ଭୀକ ମନୁଷ୍ୟର ହାସ୍ୟ ମଧ୍ୟ ଥିଲା । ଗାନ୍ଧୀ ନିଜେ ଥିଲେ ଜଣେ ନିଷ୍କଳଙ୍କ ଚରିତ୍ରର ବ୍ୟକ୍ତିତ୍ୱ । ଚରିତ୍ର ଗଠନ ଉପରେ ସେ ବିଶେଷ ଗୁରୁତ୍ୱ ଆରୋପ କରୁଥିଲେ । ସେ କହିଥିଲେ " ଚରୀତ୍ରହୀନ ଜ୍ଞାନ କେବଳ ଅପକର୍ମ ପାଇଁ ଶକ୍ତି ମାତ୍ର" । ତାଙ୍କର କର୍ମ ଅଧ୍ୟବସାୟ ଓ କର୍ତବ୍ୟ ପ୍ରତି ସମର୍ପଣ ଭାବ ତାଙ୍କୁ ଆଜି ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବ୍ୟକ୍ତିତ୍ୱରେ ପରିଣତ କରିଛି । ଏହି ମହାମାନବଙ୍କ ଜୀବନଚର୍ଯ୍ୟା ରେ ଅନେକ ଦ୍ୱନ୍ଦାତ୍ମକ ଘଟଣା ଆମ ସମ୍ମୁଖକୁ ଆସିଥାଏ । ଅନେକ ସମାଲୋଚକ ଗାନ୍ଧୀଙ୍କୁ ଏକ ପ୍ରହେଳିକା ବୋଲି ଉଲ୍ଲେଖ କରିଥାନ୍ତି । ଏହା ସତ୍ୱେ ତାଙ୍କର ଶୀର୍ଣ୍ଣକାୟ ଶରୀର , ଆଣ୍ଠୁ ଲୁଚୁନଥିବା ଖଦଡ ଲୁଗା ସହ ଫୁଙ୍ଗୁଳା ଦେହ, ପାକୁଆ ପାଟିର ହସରେ ଲୁଚିରହିଥିଲା କି ଦୁର୍ବାର ଆକର୍ଷଣ ଯେ ବିଶାଳ ଜନତାର ପଟୁଆରେ ଅନ୍ଧଭାବେ ଧାଇଁ ଯାଉଥିଲା ।

ମନେପଡିଯାଏ ସେଦିନ ନେପୋଲିଅନଙ୍କ ଜେଲ ଜୀବନର ଅବ୍ୟାହତି ପରେ ଏଲବା ଦ୍ୱୀପରେ ଜନ ସମୁଦ୍ରର ସ୍ରୋତ ସମ୍ପର୍କରେ । କି ଅପୂର୍ବ ମୋହ, କି ଆକର୍ଷଣ ? ୧୯୩୦ ମସିହାର ଲବଣ ସତ୍ୟାଗ୍ରହ ରେ ସେ ପଦବ୍ରଜରେ ଦାଣ୍ଡି ଯାତ୍ରା ହେଉ ବା ନୁଆଖାଲିର ପଦଯାତ୍ରା ହେଉ ବା ଆମରଣ ଅନଶନ ହେଉ ଜନତା ଆଖି ବୁଜି ଟାଣି ହୋଇ ଯାଉଥିଲେ ଏହି ବ୍ୟକ୍ତିତ୍ୱର ପଟୁଆରରେ । ଯେଉଁ ବ୍ୟକ୍ତି ଅନ୍ଧକାରକୁ ଏତେ ଭୟ କରୁଥିଲେ ଯେ ରାତିରେ ଲଘୁଶଙ୍କା କରିବାକୁ ଯିବା ସମୟରେ କସ୍ତୁରବାଙ୍କୁ ସାଙ୍ଗରେ ନେଇ ଯାଉଥିଲେ ସେହି ଭୟାଳୁ ବ୍ୟକ୍ତିର ଅପୂର୍ବ କୁହୁକ ଦୂର୍ଦ୍ଧର୍ଷ ବ୍ରିଟିଶ ସରକାରକୁ ଏ ଦେଶ ଛାଡି ଯିବାକୁ ବାଧ୍ୟ କରିଦେଲା । ଏହି ଶୀର୍ଣ୍ଣକାୟ ଶରୀର ବ୍ୟକ୍ତି ଗାନ୍ଧୀ ଶହ ଶହ କିଲୋମିଟର ରାସ୍ତାକୁ ପଦବ୍ରଜରେ ଅତିକ୍ରମ କରିବା ଦୈବୀକୃପା ନୁହେଁତ ଆଉ କ'ଣ ହୋଇପାରେ ? ଫିଲିପ ନୋଏଲ ବେକର ନିଜର ମତ ବ୍ୟକ୍ତ କରି କହିଥିଲେ 'ଉଦ୍ଦେଶ୍ୟର ଶୁଦ୍ଧତା, ଲକ୍ଷ୍ୟ ପ୍ରତି ଐକାନ୍ତିକ ନିଷ୍ଠା, ଅଗାଢ ବିଶ୍ୱାସ ଓ ସ୍ୱାର୍ଥମୁକ୍ତ ଏକନିଷ୍ଠତା, ମନୁଷ୍ୟତା ଉପରେ ଅକୁଣ୍ଠ ବିଶ୍ୱାସ ଓ ଜାଗତିକ କାର୍ଯ୍ୟକଳାପରେ ଆଧ୍ୟାତ୍ମିକ ମୂଲ୍ୟ ତଥା ମୂଲ୍ୟବୋଧର ଉପଯୋଗିତା ହିଁ ଥିଲା ତାଙ୍କ ସଫଳତାର ରହସ୍ୟ' । ଆଜି ଦେଶର ଯେଉଁ ପରିସ୍ଥିତି ସେଥିରେ ଗାନ୍ଧୀ କେଉଁଠି ଅଛନ୍ତି ବା ତାଙ୍କୁ ଆମେ କେଉଁ କେଉଁ ଜାଗାରେ ରଖୁଛେ ତାହା ଏକ ବଡ ପ୍ରଶ୍ନ । ଯେଉଁ ଗାନ୍ଧୀ ନିଶା ନିବାରଣ ପାଇଁ ଆଜିବନ ସଂଗ୍ରାମ କରୁଥିଲେ କିନ୍ତୁ ଆମେ ଆଜି ତାଙ୍କ ଦେହାବସାନ ପରେ ତାଙ୍କ ତୈଳ ଚିତ୍ର କୁ ମଦ ଦୋକାନରେ ରଖୁଛୁ ତାହା ତାଙ୍କ ପ୍ରତି ବିଦ୍ରୁପ ନିହେଁ କି ? ବିଦେଶରେ ନିଜ ଦେଶ ଭାରତର ପ୍ରତିନିଧିତ୍ୱ କଲାବେଳେ ଗାନ୍ଧୀଙ୍କୁ ଛାଡି ଆମେ ଆମର ପରିଚୟ ଦେଇପାରୁନୁ କିନ୍ତୁ ବାସ୍ତବରେ ଆମେ ପ୍ରତି ମୁହର୍ତରେ ଗାନ୍ଧୀ ଓ ଗାନ୍ଧୀବାଦକୁ ପଛରେ ପକାଇ ଦେଉଛୁ । ଯାହାଙ୍କ ଜୀବନୀ ଏକ 'ଖୋଲା ବହି' ଥିଲା ତାଙ୍କୁ ଜାଣିବାରେ , ଆକଳନ କରିବାରେ ଅସୁବିଧା କେଉଁଠି ! ବାପୁଙ୍କ କଳ୍ପନା ଯଦିଓ ସୁଦୂର ପ୍ରସାରୀ କିନ୍ତୁ ସେ ଥିଲେ ବାସ୍ତବତାର ପୁଜାରୀ । ଶାନ୍ତି, ଅହିଂସା ଓ ସତ୍ୟର ବିଶୁଦ୍ଧ ଶକ୍ତିକୁ ଆଣି ବ୍ୟବହାରିକ କ୍ଷେତ୍ରରେ ପ୍ରମାଣ ସହ ପ୍ରୟୋଗ କରିବା ତାଙ୍କର ଭାବନାକୁ ସମର୍ଥନ ଦେବାକୁ ଲୋକମାନେ ଏକ ରକମ ସ୍ୱତଃ ପୁତ ଭାବରେ ଛୁଟି ଆସିଥିଲେ । ଆଚରଣ ଓ ଉଚ୍ଚାରଣ, ସାଧାରଣ ଜୀବନ ଓ ବ୍ୟକ୍ତିଗତ ଜୀବନ ମଧ୍ୟରେ କୌଣସି ବିଭାଜନର ପ୍ରାଚୀରକୁ ସେ ପ୍ରଶ୍ରୟ ଦେଉ ନଥିଲେ । ଆଜିର ସମାଜକୁ ଅବଲୋକନ କଲେ ଆମେ ଦେଖିବା ଯେ ଆଦର୍ଶ ଆଦର୍ଶ ମଧ୍ୟରେ ବିରୋଧାଭାବ, ଧର୍ମ ନାମକ ଏକ ଅବାସ୍ତବ ପରିକଳ୍ପନାକୁ ନେଇ ନିରନ୍ତର ଛାୟା ଯୁଦ୍ଧ, ଜାତିକୁ ଜାତିଠାରୁ ଦୂରେଇ ରଖୁଥିବା ଘୃଣା ଭାବ, ପରମାଣୁ ଅସ୍ତ୍ରରେ ବଳୀୟାନ ଅହଂକାରୀ ମାନସିକତା ଆଜି ମନୁଷ୍ୟ ଜାତିର ସ୍ଥିତି ସଂପର୍କରେ ସନ୍ଦିହାନ ହେବାର ସୋପାନରେ ପହଂଚାଇ ଦେଲାଣି । ଏହି ଅକଳ୍ପନୀୟ ବାସ୍ତବତାକୁ ଅତିକ୍ରମ କରିବାକୁ ହେଲେ ନୈତିକ ଓ ଭୌତିକ ଶକ୍ତିଗୁଡକି ମଧ୍ୟରୁ ଗୋଟିକୁ ବାଛିବାକୁ ପଡିବ । ଆଜିର ଏହି ଘଡି ସନ୍ଧି ମୁହୂର୍ତରେ ଗାନ୍ଧିଜୀଙ୍କ ପ୍ରାସଙ୍ଗିକତାକୁ ସମଗ୍ର ବିଶ୍ୱ ଆବୋରି ନେବାକୁ ଉତ୍କଣ୍ଠାର ସହ ଚାହିଁ ରହିଛି । ସମାଜରୁ ଅସ୍ପୃଶ୍ୟତା ନିବାରଣ ପାଇଁ ଗାନ୍ଧିଜୀ ଯଥାସାଧ ଚେଷ୍ଟା କରିଥିଲେ । "ଛୁଆଁ ଅଛୁଆଁ" ମନୋଭାବ ପରିହାର କରିବାକୁ ସେ ଜନସାଧାରଣଙ୍କୁ ବୁଝାଇଥିଲେ । ଏବଂ ଅକୁଣ୍ଠିତ ଚିତରେ କହିଥିଲେ ଯଦି ଅସ୍ପୃଶ୍ୟତାର ଅନ୍ତ ନଘଟେ ତେବେ ହିନ୍ଦୁ ଧର୍ମର ଅନ୍ତ ସୁନିଶ୍ଚିତ । ୧୯୨୦ ମସିହାରେ ଗାନ୍ଧିଜୀ ମୁକ୍ତ କଣ୍ଠରେ ସ୍ୱୀକାର କରି କହିଥିଲେ ସେ ସନ୍ଥ ନୁହଁନ୍ତି କି ମହାତ୍ମା ନୁହଁନ୍ତି କେବଳ ଜୀବନର କେତେକ ଚିରନ୍ତନ ସତ୍ୟ ବିଷୟରେ ପ୍ରୟୋଗ କରୁଥିବା ସାଧାରଣ ମାନବ ଟିଏ । ତାଙ୍କୁ ପ୍ରଦତ ମହାତ୍ମା ପଦ ତାଙ୍କୁ ବ୍ୟଥିତ କରିଥିଲା । ସେ କହିଥିଲେ ମହାତ୍ମା ବୋଲି ମୁଁ କେବେବି ଅନୁଭବ କରିନାହିଁ ବରଂ ମୁଁ ଏହା ଜାଣେ ଇଶ୍ୱରଙ୍କ ସୃଷ୍ଟିର ସାମାନ୍ୟ ମଣିଷଟିଏ । ମୋ ମହାତ୍ମାପଣ ଅପେକ୍ଷା ସତ୍ୟ ହେଉଛି ମୋ ଲାଗି ଅନନ୍ତ ଗୁଣରେ ପ୍ରିୟ । ତାଙ୍କର ଏକ ମହାନ ଗୁଣ ହେଲା ସେ ସତ୍ୟର ଅପଳାପ କିମ୍ବା ଚାଟୁକାରୀତାକୁ କେବେବି ପ୍ରଶ୍ରୟ ଦେଉନଥିଲେ । ସେ ନିଜକୁ ସତ୍ୟ ଓ ଅଂହିସା ପଥର ଜଣେ ଯାତ୍ରୀ ବୋଲି କହିଥିଲେ । 'ଇଶ୍ୱର ସତ୍ୟ ଅଟନ୍ତି, ଓ ସତ୍ୟହିଁ ଇଶ୍ୱର ଅଟନ୍ତି' ଏହି କଥାକୁ ଗାନ୍ଧୀ ବିଶ୍ୱାସ କରୁଥିଲେ । ଆଜି ସମଗ୍ର ବିଶ୍ୱରେ ଛଳନାର ପୋଷାକ ପିନ୍ଧି ସତ୍ୟର ଅବମୂଲ୍ୟାୟନରେ ମଣିଷ ଜର୍ଜରିତ ସେ ସମ୍ପର୍କରେ ନିଜ ମତ ବ୍ୟକ୍ତ କରି ଗାନ୍ଧୀ କହିଥିଲେ 'ମୋର ଜୀବନଟି ଏକ ଖୋଲା ବହି, ଗୋପନୀୟତା ବୋଲି ମୋର କିଛି ନାହିଁ । ସମଗ୍ର ମାନବ ଜାତିକୁ ସେ କୁହନ୍ତି ଆତ୍ମଶାସନର ସାମର୍ଥ୍ୟ ରଖିଥିବା ଏକ ସତ୍ତା । ଅର୍ଥାତ ତା ମଧ୍ୟରେ ଭୂଲ କରିବାର ଶକ୍ତି ପରି ଭୂଲକୁ ଚିହ୍ନିବାର ଓ ସୁଧାରିବାର ଶକ୍ତି ମଧ୍ୟ ରହିଥାଏ' । ଜଣେ ଦୂରଦ୍ରଷ୍ଟା ଭାବେ ସେ କହୁଥିଲେ ଯେ ସତ୍ୟ ଓ ଅହିଂସାର କେବଳ ବ୍ୟକ୍ତିଗତ ଅଭ୍ୟାସର ବିଷୟ ନୁହଁ ବରଂ ଏହାକୁ ଜାତିଗତ ଅଭ୍ୟାସର କ୍ଷେତ୍ର ମଧ୍ୟକୁ ଆଣିବା ସମସ୍ତଙ୍କ କର୍ତବ୍ୟ ହେବା ଦରକାର । ସେ କହୁଥିଲେ ଯଦି ଗାନ୍ଧିବାଦ ଭୂଲର ପ୍ରତିନିଧିତ୍ୱ କରୁଥାଏ ତେବେ ତାହା ଧ୍ୱଂସ ହୋଇଯାଉ କିନ୍ତୁ ସତ୍ୟ ଓ ଅହିଂସାର କଦାପି ଧ୍ୱଂସ ହେବନାହିଁ । ଗାନ୍ଧୀଙ୍କ ପରିକଳ୍ପିତ ଶିକ୍ଷାବ୍ୟବସ୍ଥା ବୁନିୟାଦି ଶିକ୍ଷା ଭାବରେ ବିଦିତ । ଗୌରବମୟ ଭାରତୀୟ ସଂସ୍କୃତିର ବୁନିୟାଦ୍ ବା ମୂଳାଧାର ଏହାର ପ୍ରଧାନ ଅବଲମ୍ବନ ହୋଇଥିବାରୁ ଏହାର ନାମ ବୁନିୟାଦି ଶିକ୍ଷା । ଭାରତୀୟ ପ୍ରାଚୀନ ସଂସ୍କୃତି ଏହାର ପ୍ରାଣକେନ୍ଦ୍ର । ଏହାର ଅନ୍ୟନାମ ମୌଳିକ ଶିକ୍ଷା, ନୟୀତାଲିମ ବା ୱାର୍ଦ୍ଧା ଯୋଜନା । ଗାନ୍ଧିଜୀ କହୁଥିଲେ ଜଣେ ପୁରୁଷକୁ ଶିକ୍ଷିତ କରିବା ଅର୍ଥ ବ୍ୟକ୍ତିଗତ ଭାବରେ ଜଣକୁ ଶିକ୍ଷା ଦେବା । ଜଣେ ସ୍ତ୍ରୀକୁ ଶିକ୍ଷିତ କରିବା ଅର୍ଥ ଗୋଟିଏ ପରିବାରକୁ ଶିକ୍ଷିତ କରିବା । ୨୩।୫।୧୯୨୯ 'ୟଙ୍ଗ ଇଣ୍ଡିଆ' ରେ ମହାତ୍ମା ଗାନ୍ଧୀ ଲେଖିଥିଲେ ବର୍ତମାନ ସମାଜରେ ସ୍ତ୍ରୀ ଶିକ୍ଷାର ପରିସର ଖୁବ ଛୋଟ । ତେଣୁ ନାରୀ ଜାତିକୁ ଶିକ୍ଷିତ କରିବା ସହ ଆମ ଦେଶରେ ଶିକ୍ଷା ବ୍ୟବସ୍ଥାରେ ମୂଳରୁ ଦୋଷ ରହିଥିବା ଶିକ୍ଷା ପଦ୍ଧତିରେ ସଂସ୍କାର ଆଣିବା ଦରକାର । ପିଲାଟି ବେଳରୁ ଭୟାଳୁ ସ୍ୱଭାବର ପିଲାଟି କିପରି ଅମାପ ଶକ୍ତିଶାଳୀ ଇଂରେଜ ଶାସନ ବିରୁଦ୍ଧରେ ଏକାକି ଲଢିବାର ଆସ୍ପର୍ଦ୍ଧା ସୃଷ୍ଟି କରିପାରିଲା ସେ ସମ୍ପର୍କରେ ନିଜେ ଗାନ୍ଧିଜୀ କହିଥିଲେ " ନିର୍ଭୟତା ହେଉଛି ଆଧ୍ୟାତ୍ମିକତାର ପ୍ରଥମ ଆବଶ୍ୟକତା । ଆମେ ଯଦି ଇଶ୍ୱରଙ୍କୁ ଭୟ କରି ଶିଖିବା ତେବେ ଆଉ କାହାକୁ ଭୟ କରିବା ଆବଶ୍ୟକତା ନାହିଁ ।" । ଧର୍ମ ବିଷୟରେ ନିଜର ମତ ଉପସ୍ଥାପିତ କରି ସେ କହିଥିଲେ ସମସ୍ତ ଧର୍ମ ଗୋଟିଏ ଗୋଟିଏ ପଥ କିନ୍ତୁ ଅନ୍ତିମ ସଂଗମ ସ୍ଥଳୀ ଗୋଟିଏ । ସବୁ ଧର୍ମର ଆତ୍ମା ଗୋଟିଏ । ମହାତ୍ମାଗାନ୍ଧୀଙ୍କ ଆଦର୍ଶ ଏ ଯୁଗରେ ବିରଳ । ସେ ମୋହନଙ୍କ ମୋହନମନ୍ତ୍ର ବିଷୟରେ କାନ୍ତକବି ଲକ୍ଷ୍ମୀକାନ୍ତ ନିଜ ଲେଖନୀ ମୁନରେ ଲେଖିଛନ୍ତି:- " ହେ ମୋହନ କି ମୋହନ ମନ୍ତ୍ର ଦେଲ ଚାଳି/ ଭାରତର ବକ୍ଷେ ଦେଲ ଅଗ୍ନିଶିଖା ଜାଳି/ ଜଗାଇଲ କୋଟି କୋଟି ପ୍ରାଣେ ଉଦ୍ଦୀପନା / ଖେଳିଗଲା ସାରା ଦେଶେ ତପ୍ତ ଉନ୍ମାଦନା ।" ସତ୍ୟ ଅଂହିସାର ପୂଜାରୀ, ଶାନ୍ତିର ଦେବଦୂତ, ଜାତିର ଜନକ, ମହାପୁରୁଷ ମହାତ୍ମାଗାନ୍ଧୀ ପାର୍ଥିବ ଜଗତରେ ନଥିଲେ ମଧ୍ୟ ଭାରତବାସୀଙ୍କ ମାନସପଟରେ ଚିର ଉଜ୍ଜୀବିତ ।

*ଖୋର୍ଦ୍ଧା (୬୩୭୦୬୭୫୫୬୨)*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

Bhubaneswar Saturday September 27 ଭୁବନେଶ୍ୱର ଶନିବାର, ୨୭, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ରାୟଗଡା ଜିଲ୍ଲାର ନୂତନ କଂଗ୍ରେସ ଅଧ୍ୟକ୍ଷ ଭାବେ ନିଯୁକ୍ତ ହେଲେ ବିଧାୟକ ଆପ୍ପଲ ସ୍ୱାମୀ କଡ୍ରାକା



ରାୟଗଡା, (ପି.ଏନ): ରାୟଗଡା ଜିଲ୍ଲାରେ ଦଳୀୟ ସଂଗଠନକୁ ଆଗକୁ ନେବା ପାଇଁ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ନେଇ, ବିଧାୟକ ଆପ୍ପଲ ସ୍ୱାମୀ କଡ୍ରାକାଙ୍କୁ ଜିଲ୍ଲା କଂଗ୍ରେସ ଅଧ୍ୟକ୍ଷ ଭାବରେ ନୂତନ ଭାବରେ ନିଯୁକ୍ତ କରାଗଲା। ତାଙ୍କ ନିଯୁକ୍ତି ସମ୍ବାଦ ପ୍ରକାଶ ପାଇବାପରେ ସମଗ୍ର ଜିଲ୍ଲାରେ ଖୁସିର ଲହରୀ ପ୍ରବାହିତ ହୋଇଛି। ସ୍ଥାନୀୟ ନେତା, କର୍ମୀ ଓ ସାଧାରଣ ଲୋକେ ତାଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, ଆପ୍ପଲ ସ୍ୱାମୀ କଡ୍ରାକା ଜନସାଧାରଣଙ୍କ ସମସ୍ୟାକୁ ସାମ୍ନା-ସାମ୍ନିରେ ଶୁଣିବା ଓ ସମାଧାନ କରିବାରେ ତାଙ୍କର ସକ୍ରିୟତା, ତାଙ୍କୁ ଏହି ପଦବୀ ପାଇଁ ଯୋଗ୍ୟ କରିଛି।ନୂତନ ଜିଲ୍ଲା ଅଧ୍ୟକ୍ଷ ଭାବରେ ନିଜ ପ୍ରଥମ ପ୍ରତିକ୍ରିୟା ଦେଇ ଶ୍ରୀ ଆପ୍ପଲ ସ୍ୱାମୀ କହିଛନ୍ତି – "ମୋ ପାଇଁ ଏହା ବହୁତ ବଡ଼ ଦାୟିତ୍ୱ। ଜିଲ୍ଲାର ପ୍ରତ୍ୟେକ ଗ୍ରାମ, ପ୍ରତ୍ୟେକ ଲୋକଙ୍କ ପାଇଁ କାମ କରିବାରେ ମୁଁ ସଦା ପ୍ରତିବଦ୍ଧ ରହିଛି। ଏହି ଦାୟିତ୍ୱକୁ ମୁଁ ଜନତାଙ୍କୁ ସେବା କରିବାରେ ସୁଯୋଗ ଭାବେ ଦେଖୁଛି।" ବିଭିନ୍ନ ସାମାଜିକ ସଂଗଠନ, ଯୁବକମଣ୍ଡଳ, ମହିଳା ସମିତି, ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ମଧ୍ୟ ତାଙ୍କ ନିଯୁକ୍ତିକୁ ସ୍ୱାଗତ କରିଛନ୍ତି। ରାୟଗଡା ଜିଲ୍ଲାରେ ବିକାଶ, ଆଦିବାସୀଙ୍କ ଉନ୍ନତି, ଯୁବମାନଙ୍କ ପାଇଁ ରୋଜଗାର ସୃଷ୍ଟି, ଶିକ୍ଷା ଓ ସ୍ୱାସ୍ଥ୍ୟକ୍ଷେତ୍ରରେ ନୂତନ ଉଦ୍ୟମ – ଏହି ସବୁକୁ ଆଗକୁ ନେବାରେ ସେ ବିଶେଷ ଯୋଜନା ନେବେ ବୋଲି ଦଳୀୟ କର୍ମୀମାନଙ୍କ ଆଶା। ତାଙ୍କର ଏହି ନିଯୁକ୍ତି, ଆଗାମୀଦିନରେ ରାୟଗଡାର ରାଜନୈତିକ ଓ ସାମାଜିକ ପରିସ୍ଥିତିକୁ ଅଧିକ ସୁଦୃଢ଼ କରିବାରେ ମାଇଲସ୍ଟୋନ୍ ସାବିତ ହେବ ବୋଲି ପ୍ରତ୍ୟାଶା କରାଯାଉଛି।



ପବିତ୍ର ଦଶହରା ପର୍ବର ଅବ୍ୟାହିତ ପୂର୍ବରୁଡି.ଏ.ଭି କଳିଙ୍ଗ ନଗରଠାରେ କୁନିକୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦଶହରା ଉତ୍ସବ ଓ ଗ୍ରାଣ୍ଡ ପ୍ୟାରେଣ୍ଟସ୍ ଦିବସ ବିଭିନ୍ନ ନୃତ୍ୟ ଏବଂ ସଂଗୀତ ମାଧ୍ୟମରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ମଦନ ମୋହନ ପଣ୍ଡା, ସହ ଆଞ୍ଚଳିକ ନିର୍ଦ୍ଦେଶକ ବିପିନ କୁମାର ସାହୁ, ଅଧ୍ୟକ୍ଷ ବଳରାମ ମହାପାତ୍ର ତଥା ବରିଷ୍ଠ ଅଭିଭାବକ ବୃନ୍ଦ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ ।

## ଅବଧୂତ ସାଥେ ଟ୍ରେଡିଂ ଏକାଡେମୀର ଟ୍ରେଡିଙ୍ଗ ଶିକ୍ଷା

ଭୁବନେଶ୍ୱର,(ପି.ଏନ) : ଅବଧୂତ ସାଥେ ଟ୍ରେଡିଂ ଏକାଡେମୀ ପକ୍ଷରୁ ଟ୍ରେଡ଼ିଂ ଶିକ୍ଷାର ଶୁଭାରମ୍ଭ କରାଯାଇଛି। ଅବଧୂତ ସାଥେ ଟ୍ରେଡିଂ ଏକାଡେମୀ ଏକ ଶିକ୍ଷାନୁଷ୍ଠାନ ଭାବେ କାର୍ଯ୍ୟ କରୁଛି ଏବଂ ଏହା ଏକ ପରାମର୍ଶ ସେବା ପ୍ରଦାନକାରୀ ସଂସ୍ଥା କିମ୍ବା ଏକ ଫିନଇନଫ୍ଲୁଏନ୍ସର ନୁହେଁ। ଉକ୍ତ ଅନୁଷ୍ଠାନ ଗୁରୁକୂଳ ଶିକ୍ଷା ପ୍ରଣାଳୀ ଅନୁସରଣ କରି ମୂଲ୍ୟବୋଧ ଓ ସଂସ୍କାର ଆଧାରିତ ତାଲିମ ଦେଇଥାଏ, ଯାହା ଅଂଶଗ୍ରହଣକାରୀମାନଙ୍କୁ ପୁଞ୍ଜି ବଜାରକୁ ପରଖିବା ପାଇଁ ଦକ୍ଷତା, ମାନସିକତା ଓ ଶୃଙ୍ଖଳା ସହିତ ସାହାଯ୍ୟ କରେ। ଏହାର ଲକ୍ଷ୍ୟ ହେଉଛି ଏକ ସହଯୋଗୀ ଓ ସହାୟକ ଇକୋସିଷ୍ଟମ ଗଠନ କରିବା, ଯେଉଁଥିରେ ତାଲିମଗୁଡ଼ିକ କେବଳ ବଜାର ଜ୍ଞାନ ଦେବା ନୁହେଁ, ବରଂ ବଜାର ଗତିବିଧିକୁ ମୁକାବିଲା କରିବା ପାଇଁ ଭାବପ୍ରବଣ ସମର୍ଥନ ମଧ୍ୟ ପ୍ରଦାନ କରିଥାଏ। ଅବଧୂତ ସାଥେ ଟ୍ରେଡିଂ ଏକାଡେମୀ କୌଣସି ବଜାର ବିଶ୍ଳେଷଣ ରିପୋର୍ଟ, ଷ୍ଟକ୍ ସୁପାରିଶ, ଟ୍ରେଡିଂ ଟିପ୍ସ, ଷ୍ଟକ୍ କଲ୍ କିମ୍ବା ନିଶ୍ଚିତ ରିଟର୍ଣ୍ଣ ପ୍ରତିଶ୍ରୁତି ପ୍ରକାଶ କିମ୍ବା ପ୍ରସାରିତ କରୁନାହିଁ। ଏହା ବ୍ୟକ୍ତିଗତ ନିବେଶ ପରାମର୍ଶ ମଧ୍ୟ ଦେଉନାହିଁ। ଅବଧୂତ ସାଥେ ଟ୍ରେଡିଂ ଏକାଡେମୀ (ଏଏସଟିଏ) ରେ, ସର୍ବଦା ସଂରଚିତ ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱତନ୍ତ୍ର ଶେୟାର ବଜାର ବ୍ୟବସାୟୀ ଓ ନିବେଶକଙ୍କୁ ବିକାଶ କରାଇବା ଉପରେ ରହିଛି। ଆମର ପ୍ରଶିକ୍ଷଣ ଅଧିବେଶନଗୁଡ଼ିକ ବିଶ୍ଳେଷଣାତ୍ମକ, କାର୍ଯ୍ୟାନ୍ୱୟନ ଏବଂ ନିଷ୍ପତି ନେବା ଦକ୍ଷତା ନିର୍ମାଣ କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ସୁନିଶ୍ଚିତ କରେ ଯେ ଆମର ଛାତ୍ରଛାତ୍ରୀମାନେ ଜ୍ଞାନ, ଶୃଙ୍ଖଳା ଏବଂ ଆତ୍ମବିଶ୍ୱାସ ସହିତ ବାଣିଜ୍ୟ କରିବାକୁ ସଜ୍ଜିତ। ଅବଧୂତ ସାଥେ ଟ୍ରେଡ଼ିଂ ଏକାଡ଼େମୀ ଭାରତର ପୁଞ୍ଜି ବଜାର ଗଠନରେ ସେବିର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି ଏହାର ସକ୍ରିୟ ଏବଂ ସ୍ୱଚ୍ଛ ନିୟମ ପାଇଁ କୃତଜ୍ଞ। ଭାରତ ଆଜି ବିଶ୍ୱ ସ୍ତରରେ ଚତୁର୍ଥ ବୃହତ ଇକ୍ୱିଟି ବଜାର ଭାବରେ ଠିଆ ହୋଇଛି। ଅଗଷ୍ଟ ୨୦୨୫ ସୁଦ୍ଧା ଡିମାଟ୍ ଆକାଉଂଟ ସଂଖ୍ୟା ମଧ୍ୟ ୨୦ କୋଟି ଅତିକ୍ରମ କରିଛି, ଯାହା ଦୃଢ଼ ନିବେଶକ ଅଂଶଗ୍ରହଣ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକୁ ପ୍ରତିଫଳିତ କରେ।

## ଓପୋ ଇଣ୍ଡିଆର ଗ୍ରାଣ୍ଡ ଫେଷ୍ଟିଭ ସେଲ

ଭୁବନେଶ୍ୱର,(ପି.ଏନ): ଉତ୍ସବର ଆନନ୍ଦକୁ ଦୃଷ୍ଟିରେ ରଖି, ଓପୋ ଇଣ୍ଡିଆ ଭାରତର ଗ୍ରାହକମାନଙ୍କ ପାଇଁ ଏହାର ସବୁଠାରୁ ବଡ଼ ଉତ୍ସବ ସେଲ୍- 'ପେ ୦, ୱରି ୦, ୱିନ ଟ.୧୦ ଲକ୍ଷ'ର ଘୋଷଣା କରିଛି। ୧୯ ସେପ୍ଟେମ୍ବରରୁ ୩୧ ଅକ୍ଟୋବର ପର୍ଯ୍ୟ', ଗ୍ରାହକମାନେ ରିଟେଲ ଷ୍ଟୋର, ଓପୋ ଇ-ଷ୍ଟୋର, ଫ୍ଲିପକାର୍ଟ ଏବଂ ଆମାଜନରେ ନୂତନତମ ଲଂଚ ଯଥା ଏଫ୩୧ ସିରିଜ୍ ଏବଂ ଏଫ୧୪ ସିରିଜ୍ ସମେତ ଓପୋ ଡିଭାଇସ୍ ଉପରେ ଆକର୍ଷଣୀୟ ଅଫର୍‌ର ଲାଭ ଉଠାଇପାରିବେ। ଓପୋ ଫେଷ୍ଟିଭ ସେଲ କ୍ରେତାମାନଙ୍କୁ ଜିରୋ ଡାଉନ ପେମେଂଟ, ସୁଧମୁକ୍ତ ଇଏମଆଇ, ତୁର' କ୍ୟାସବ୍ୟାକ୍, ଆକର୍ଷଣୀୟ ଏକ୍ସଚେ ସ୍କିମ୍ ଏବଂ ଟ.୧୦ ଲକ୍ଷ କିମ୍ବା ଟ.୧ ଲକ୍ଷ ନଗଦ ପୁରସ୍କାର ସହିତ ନୂତନତମ ଓପୋ ଡିଭାଇସ୍ ଜିତିବାର ସୁଯୋଗ ପ୍ରଦାନ କରୁଛି। ଏ୫ ସିରିଜରେ ଜିରୋ ଡାଉନ ପେମେଂଟ ଏବଂ ସୁଧମୁକ୍ତ ଇଏମଆଇ ସହିତ ଶ୍ରେଷ୍ଠ ଡିଲ ଉପଲବ୍ଧ ରହିଛି। 'ମାଇଁ ଓପୋ ଏକ୍ସକ୍ଲୁସିଭ୍ ଦିୱାଲି ରାଫେଲ୍'ରେ ଗ୍ରାହକମାନେ ଟ.୧୦ ଲକ୍ଷ କିମ୍ବା ଟ.୧ ଲକ୍ଷର ନଗଦ ପୁରସ୍କାର କିମ୍ବା ଓପୋ ଡିଭାଇସ (ଏଫ୩୧ ପ୍ରୋ, ଫାଇଣ୍ଡ ଏକ୍ସ୮, ରେନୋ୧୪, ଏନକୋ ବଡ୍ସ୩ ପ୍ରୋ) ଜିତିବାର ସୁଯୋଗ ପାଇବେ। ଫ୍ଲିପକାର୍ଟ ବିଗ ବିଲିୟନ ଡେ ଏକ୍ସକ୍ଲୁସିଭରେ କେ ସିରିଜ, ଏନକୋ ବଡସ୩ ପ୍ରୋ ଏବଂ ପ୍ୟାଡ ଏସଇ(୨ ସେପ୍ଟେମ୍ବର- ୨ ଅକ୍ଟୋବର ୨୦୨୫ ) ଉପରେ ଆକର୍ଷଣୀୟ ଡିଲ ପାଇପାରିବେ। ଏହି ଅବସରରେ ମତବ୍ୟକ୍ତ କରି ଓପୋ ଇଣ୍ଡିଆର ପିଆର ଏବଂ କମ୍ୟୁନିକେସନ ମୁଖ୍ୟ ଗୋଲ୍ଡି ପଟ୍ଟନାୟକ କହିଛନ୍ତି, 'ଆମର ଉପଭୋକ୍ତାମାନେ ଆମେ ଯାହା କରୁଛୁ ତାହାର ମୂଳରେ ଅଛନ୍ତି, ଏବଂ ଗ୍ରାଣ୍ଡ ଫେଷ୍ଟିଭ୍ ବୋନା ହେଉଛି ବ୍ରାଣ୍ଡ ପ୍ରତି ସେମାନଙ୍କର ନିର'ର ବିଶ୍ୱାସ ପାଇଁ ସେମାନଙ୍କୁ ଧନ୍ୟବାଦ ଦେବା ପାଇଁ ଏକ ହୃଦୟସ୍ପର୍ଶୀ ସଙ୍କେତ। ଆମେ ଆକର୍ଷଣୀୟ ଡିଲ୍, ରିହାତି ଏବଂ ରୋମାଂଚକର ପୁରସ୍କାର ସହିତ ଆମର ଅଫରଗୁଡ଼ିକୁ ଅନୁରୂପ ଭାବରେ ପ୍ରସ୍ତୁତ କରିଛୁ। ଆମର ଡିଭାଇସଗୁଡ଼ିକ ବିଭିନ୍ନ ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ମୂଲ୍ୟ ବିନ୍ଦୁଗୁଡ଼ିକର ଏକ ପରିସର ମଧ୍ୟରେ ଅତୁଳନୀୟ ସ୍ଥାୟୀତ୍ୱ, ଉନ୍ନତ ଏଆଇ କ୍ୟାମେରା କ୍ଷମତା ଏବଂ ଉଚ୍ଚ-ପ୍ରଦର୍ଶନକାରୀ ସ୍ପେସିଫିକେସନ ପ୍ରଦାନ କରୁଛି। ମାଇଁ ଓପୋ ଦିୱାଲି ରାଫେଲ୍ ଉଚ୍ଚ-ମୂଲ୍ୟ ପୁରସ୍କାର ମାଧ୍ୟମରେ ଆହୁରି ଅଧିକ ଆନନ୍ଦ ଆଣିବା ପାଇଁ ଡିଜାଇନ୍ କରାଯାଇଛି।

## ସିଗ୍ରାମସ୍ ରୟାଲ ଷ୍ଟାଗରେ ସିଦ୍ଧାର୍ଥ ମଲହୋତ୍ରା, ବାଦଶାହ, ନାଗା ଚୈତନ୍ୟ ଓ ପାୟଲ ଧାରେ ବ୍ରାଣ୍ଡ ଆମ୍ବାସାଡ଼ାର

ଭୁବନେଶ୍ୱର,(ପି.ଏନ): ସିଗ୍ରାମ୍‌ର ରୟାଲ ଷ୍ଟାଗ୍ ନିଜ ଯାତ୍ରାରେ ଚାରି ଜଣଙ୍କୁ ସାମିଲ କରିଛି । ବ୍ରାଣ୍ଡ ପକ୍ଷରୁ ସିଦ୍ଧାର୍ଥ ମଲହୋତ୍ରା, ବାଦଶାହ, ନାଗା ଚୈତନ୍ୟ ଓ ପାୟଲ ଧାରେଙ୍କ ଭଳି ୪ ଜଣ ପ୍ରଭାବଶାଳୀ ବ୍ୟକ୍ତିତ୍ୱଙ୍କୁ ଏହାର ନୂଆ ବ୍ରାଣ୍ଡ ଆମ୍ବାସାଡର ଘୋଷଣା କରାଯାଇଛି। ବ୍ରାଣ୍ଡର ବିରାସତକୁ ଆଗକୁ ବଢ଼ାଇବା ପାଇଁ ଏହି ୪ ଜଣ ଏବେ ରୋହିତ ଶର୍ମା, ଯଶପ୍ରିତ ବୁମ୍ରା ଓ ସୂର୍ଯ୍ୟକୁମାର ଯାଦବଙ୍କ ସହ ଯୋଗ ଦେବେ। ମିଳିତ ଭାବେ ସେମାନେ କ୍ରିକେଟ, ସିନେମା, ସଙ୍ଗୀତ ଓ ଗେମିଂ ଭଳି ଭାରତର ସବୁଠାରୁ ଲୋକପ୍ରିୟ କ୍ଷେତ୍ରଗୁଡିକର ପ୍ରତିନିଧିତ୍ୱ କରିବା ସହ ରୟାଲ ଷ୍ଟାଗ୍‌ର ଲିଭ୍ ଇଟ ଲାର୍ଜ ଦର୍ଶନକୁ ପ୍ରତିଫଳିତ କରୁଛନ୍ତି।ଏହି ସହଭାଗିତା ସମ୍ପର୍କରେ ଉତ୍ସାହ ବ୍ୟକ୍ତ କରି ଅଭିନେତା ସିଦ୍ଧାର୍ଥ ମଲହୋତ୍ରା କହିଛନ୍ତି, 'ରୟାଲ ଷ୍ଟାଗ୍ ଏକ ବ୍ରାଣ୍ଡଠାରୁ ଅଧିକ କିଛି, ଏହା ଆଗ୍ରହ, ଲକ୍ଷ୍ୟକୁ ପାଳନ କରୁଥିବା ଏବଂ ନିଜକୁ ପରବର୍ତୀ ସ୍ତରକୁ ନେବା ପାଇଁ ପ୍ରୋତ୍ସାହିତ କରୁଥିବା ଏକ ଆଭିମୁଖ୍ୟ। ମୁଁ ଏହି ଯାତ୍ରାର ଏକ ଅଂଶ ହୋଇ ଉତ୍ସାହିତ।' ସେହିପରି ରାପର ବାଦଶାହ କହିଛନ୍ତି, 'ମିଳିତ ଭାବେ ଆମେ ବ୍ୟକ୍ତିତ୍ୱକୁ ପାଳନ କରିବା ଏବଂ ଲୋକଙ୍କୁ ନିଜ ଶୈଳୀରେ ନିଜର ଯାତ୍ରାକୁ ଆଗକୁ ବଢ଼ାଇବା ପାଇଁ ଅନୁପ୍ରାଣିତ କରିବା ଲାଗି ଏଠାରେ ପହଂଚିଛୁ।' ସେହିଭଳି ଅଭିନେତା ନାଗା ଚୈତନ୍ୟ କହିଛନ୍ତି, ରୟାଲ ଷ୍ଟାଗ ବ୍ରାଣ୍ଡର ଏକ ଅଂଶ ହୋଇ ମୁଁ ଉତ୍ସାହିତ । ଗେମର ପାୟଲ ଧାରେ କହିଛନ୍ତି, 'ରୟାଲ ଷ୍ଟାଗ ପ୍ରତ୍ୟେକ ଉତ୍ସାହୀ ଡ୍ରିମରଙ୍କୁ ଆଗକୁ ବଢିବା ପାଇଁ ଅନୁପ୍ରାଣିତ କରୁଥିବା ସାହସିକ ଉତ୍ସାହକୁ ଧାରଣ କରିଛି। ମୋ ପାଇଁ ଲିଭିଙ୍ଗ ଲାର୍ଜ ହେଉଛି ପ୍ରତ୍ୟେକ ସୁଯୋଗକୁ ହାସଲ କରିବା, ବଡ ହେଉ କିମ୍ବା ଛୋଟ ପ୍ରତ୍ୟେକ ସଫଳତାକୁ ସେଲିବ୍ରେଟ କରିବା।'

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା

ଭୁବନେଶ୍ୱର,(ପି.ଏନ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି କ୍ଷ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଓ ବିବେକାନନ୍ଦ କେନ୍ଦ୍ର, କନ୍ୟାକୁମାରୀ ର ବ୍ରହ୍ମପୁର ଶାଖାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ ବିବେକାନନ୍ଦ କେନ୍ଦ୍ରର ସଦସ୍ୟ ଡ. ତାରା ପ୍ରସାଦ ଦାଶ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କର ବ୍ୟକ୍ତିତ୍ୱ ବିକାଶ ନିମନ୍ତେ ଅନେକ ଉପାଦେୟ ପରାମର୍ଶ ଦେବା ସହ ବିବେକାନନ୍ଦ କେନ୍ଦ୍ର ତରଫରୁ ଚଳିତ ମାସ ୨୮ ଠାରୁ ଆୟୋଜିତ ହେବାକୁ ଥିବା ମହାଶିବିରରେ ଅଂଶଗ୍ରହଣ କରିବା ନିମନ୍ତେ ଛାତ୍ରଛାତ୍ରୀ ଙ୍କୁ ନିମନ୍ତ୍ରଣ କରିଥିଲେ । ଏହା ସହ ସମ୍ମାନିତ ଅତିଥି ଭାବେ ଡ. ଗୋପାଳ କୃଷ୍ଣ ପାଣିଗ୍ରାହୀ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀ ଶୃଙ୍ଖଳିତ ହୋଇ ସତପଥରେ ଯିବା ଦ୍ୱାରା ନିଜ ବ୍ୟକ୍ତିତ୍ୱର ବିକାଶ କରିପାରିବେ ବୋଲି କହିଥିଲେ । ଅନ୍ୟତମ ବକ୍ତା ଭାବେ ମଂଚାସୀନ ଥିବା ଡ. ବନମାଳୀ ପାଣିଗ୍ରାହୀ ଓ ଡ. ରାଜେନ୍ଦ୍ର ପ୍ରସାଦ ବିଷୋୟୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ କ୍ଷ ଏହି କାର୍ଯ୍ୟକ୍ରମ ଅବସରରେ ବିବେକାନନ୍ଦ କେନ୍ଦ୍ରର ସଦସ୍ୟ ଶ୍ରୀଯୁକ୍ତ କେଦାରନାଥ ପଣ୍ଡା ଏବଂ ଶ୍ରୀଯୁକ୍ତ ଭବନାରାୟଣ ଛାତ୍ରଛାତ୍ରୀଙ୍କୁ ବ୍ୟକ୍ତିତ୍ୱ ବିକାଶରେ ଧ୍ୟାନ ର ମହତ୍ତ୍ୱ ସମ୍ପର୍କରେ ବୁଝାଇବା ସହ ଧ୍ୟାନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଏହି ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ ପରିଚାଳନାରେ ଛାତ୍ରକଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥ ବିଶେଷ ସହଯୋଗ କରିଥିବା ବେଳେ କର୍ମଶାଳାରେ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

## ଜୀବିକାନିର୍ବାହରେ ମହିଳାଙ୍କୁ ସାହାଯ୍ୟ – ଉତ୍କଳ ଆଲୁମିନାର ସିଏସଆର୍ ତରଫରୁ ରୋଷ୍ଟେଡ୍ ମିଲେଟ୍ ୟୁନିଟ୍




ରାୟଗଡ଼ା, (ପି.ଏନ): ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ, ଆଦିତ୍ୟ ବିର୍ଲା ଗ୍ରୁପର ଶତପ୍ରତିଶତ ସହଯୋଗୀ କମ୍ପାନୀ, ଚକୋଲାକା ସହଭାଗିତାରେ ରୋଷ୍ଟେଡ୍ ମିଲେଟ୍ ୟୁନିଟ୍ ସ୍ଥାନୀୟ ବିଲାମାଳ ଠାରେ ଉଦଘାଟିତ ହୋଇଯାଇଛି। ଅଞ୍ଚଳର ମହିଳାଙ୍କୁ ଆତ୍ମନିର୍ଭଶୀଳ କରି ଜୀବିକା ପ୍ରଦାନ ଦିଗରେ କମ୍ପାନୀ ପକ୍ଷରୁ ଏହି ପ୍ରୟାସ କରାଯାଇଛି । ୟୁଏଆଇଏଲ ସିଏସଆର୍ ଅଧୀନ ଗ୍ରାମ ଗୁଡ଼ିକରେ ମହିଳାଙ୍କୁ ଜୀବିକା ପ୍ରଦାନ ଉଦ୍ଦେଶ୍ୟରେ ଏହା ପ୍ରାରମ୍ଭ ହୋଇଛି । ଉକ୍ତ ୟୁନିଟ୍ ଦ୍ୱାରା ମାଣ୍ଡିଆକୁ ବିଭିନ୍ନ ପଦ୍ଧତି ଅବଲମ୍ବନ କରି ଦୈନନ୍ଦିନ ବ୍ୟବହୃତ ସ୍ୱାସ୍ଥ୍ୟକର ଖାଦ୍ୟ ପଦାର୍ଥ ତିଆରି କରି ଏହାକୁ ଆକର୍ଷଣୀୟ ପ୍ୟାକେଜ ଜରିଆରେ ରାଜ୍ୟ ସମେତ ଜାତୀୟ ତଥା ବିଦେଶ ବଜାରରେ ଏହାର ବିକ୍ରୟ କରାଯିବା ନେଇ ଯୋଜନା ରହିଛି। ଆଗାମୀ ଦିନରେ ଉତ୍ପାଦନ ପ୍ରକ୍ରିୟା ଉତ୍ସାହଜନକ ହେଲେ ଏହା କାଶୀପୁର ବ୍ଲକର ଅନ୍ୟ ସ୍ଥାନରେ ପ୍ରତିଷ୍ଠା କରାଯିବା ସହ ଅଧିକ ମହିଳାଙ୍କୁ ଏହି ପ୍ରକଳ୍ପ ଜରିଆରେ ସାମିଲ କରାଯିବା ନେଇ ଯୋଜନା ହୋଇଛି। ଉକ୍ତ ରୋଷ୍ଟେଡ୍ ମିଲେଟ ୟୁନିଟ୍ ଦ୍ୱାରା ସ୍ଥାନୀୟ ଗ୍ରାମର ମହିଳାଙ୍କୁ ଚକୋଲାକା ଦ୍ୱାରା ସ୍ୱାବଲମ୍ବୀ କରିଥିବାରୁ ଉତ୍କଳ ଆଲୁମିନାର ଏହି ପ୍ରୟାସକୁ ଭୂୟସି ପ୍ରଶଂସା କରିଛନ୍ତି କାଶୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବିଜୟ କୁମାର ସଏ । ସେ କହିଛନ୍ତି ଯେ, ଏହି ପ୍ରକଳ୍ପ ଜରିଆରେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇବା ପାଇଁ ଉତ୍କଳ ଆଲୁମିନାର ଏହା ଉତ୍ତମ ପ୍ରୟାସ। ଯଦ୍ୱାରା ମହିଳାମାନେ ସିଧାସଳଖ ରୋଜଗାର ପାଇବା ସହିତ ଆର୍ଥିକ ଉପାର୍ଜନ କରି ପରିବାର ଚଳାଇବାରେ ସାହାଯ୍ୟ କରିବେ । ଆଗାମୀ ଦିନରେ ଏହାକୁ ଆହୁରି ବ୍ୟାପକ କରିବା ସହିତ ଅଧିକ ମହିଳାଙ୍କୁ ଏହି ପ୍ରକଳ୍ପ ଦ୍ୱାରା ସାମିଲ ନିମନ୍ତେ ଶ୍ରୀ ସଏ ପ୍ରକାଶ କରିଛନ୍ତି। ସେହିପରି ହିଣ୍ଡାଲକୋ ସିଏସଆର୍ କ୍ଲଷ୍ଟର ମୁଖ୍ୟ ଶ୍ରୀ ଶିବ ଶଙ୍କର ମହାପାତ୍ର କହିଛନ୍ତି ଯେ, କୌଣସି ମହିଳା ଆର୍ଥିକ ରୂପେ ପାରିବାରର ଅନ୍ୟ କୌଣସି ବ୍ୟକ୍ତିଙ୍କ ଉପରେ ନିର୍ଭର ନହୋଇ କୌଶଳ ପ୍ରଶିକ୍ଷଣ ଜରିଆରେ ଆତ୍ମନିର୍ଭରଶୀଳ ହୋଇ ଆର୍ଥିକ ଭାବେ ସ୍ୱାବଲମ୍ବନ ହେବା ଉଚିତ୍ । ଏହି କ୍ରମରେ ରୋଷ୍ଟେଡ୍ ମିଲେଟ୍ ୟୁନିଟ ମହିଳାଙ୍କୁ ଆର୍ଥିକ ରୂପେ ସ୍ୱାବଲମ୍ବୀ କରିବା ପାଇଁ ଏହା ପ୍ରୟାସ । ଏହା ଆରମ୍ଭ ମାତ୍ର, ଯଦି ଆଗାମୀ ଦିନରେ ସବୁ ସାମାନ୍ୟ ରହେ । ଏହାକୁ କାଶୀପୁର ବ୍ଲକର ଅନ୍ୟ ଗ୍ରାମରେ ମଧ୍ୟ ସମ୍ପ୍ରସାରଣ ପାଇଁ ଲକ୍ଷ୍ୟ ରହିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ସେହିପରି ୟୁଏଆଇଏଲ ସିଏସଆର୍ ମୁଖ୍ୟ ଲୋପାମୁଦ୍ରା ମିଶ୍ର ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ସିଏସଆର ବିଭାଗ ତରଫରୁ ଅବିରତ ଭାବେ ସ୍ଥାନୀୟ ପ୍ରଭାବିତ ଓ ପାର୍ଶ୍ୱସ୍ଥ ଗ୍ରାମରେ ଅନେକ ଜୀବିକା ତଥା ଭିତ୍ତିଭୂମି ବିକାଶ ପାଇଁ ସକ୍ରିୟ ଭୂମିକା ନିର୍ବାହ କରିଛି । ଏହି ଉନ୍ନତିମୂଳକ କାର୍ଯ୍ୟ ଗୁଡ଼ିକ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଶ୍ରୀମତୀ ମିଶ୍ର ପ୍ରକାଶ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ ସିଏସଆର୍ ମୁଖ୍ୟ ଶ୍ରୀମତୀ ଲୋପାମୁଦ୍ରା ମିଶ୍ର ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ହାଡ଼ିଗୁଡା ସରପଞ୍ଚ ଯଦୁମଣି ମାଝୀ, ମାନବ ସମ୍ବଳ ମୁଖ୍ୟ ଶ୍ରୀ ନାରାୟଣ ମିତ୍ରା, ପ୍ଲାଣ୍ଟ ସିଏସଆର ମୁଖ୍ୟ ଦିଗନ୍ତ ମହାନ୍ତି, ପରିବେଶ ବିଭାଗ ମୁଖ୍ୟ ଶ୍ରୀ ସୁରେନ୍ଦ୍ର ସେରନଙ୍କ ସମେତ ଚକୋଲାକା ଅନୁଷ୍ଠାନ ତରଫରୁ ରିତା ବଳିଆରସିଂ ଓ ଶାନ୍ତା ବଳିଆରସିଂ ପ୍ରମୁଖ ମଞ୍ଚାସିନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏସ୍‌ଏଚ୍ ଏଲଡିସି ଚନ୍ଦନ ଚୌଧୁରୀ ଏବଂ ସିଏସଆର ଟିମର ସଦସ୍ୟ କର୍ତିକେଶ୍ୱର ସାହୁ, ରୁପେନ ପଟ୍ଟନାୟକ, ମନୋଜ ଦାସ, ସୋମ୍ୟଜିତ ସ୍ୱାଇଁ, ସୁବାଷ ଚନ୍ଦ୍ର ନାଏକ, ସତ୍ୟଭାମା ନାୟକ, ଆଶିଷ କୁମାର ସାହୁ, ଗଜେନ୍ଦ୍ର ନାଏକ, ବିନୋଦ ପୂଜାରୀ, ମୌସୁମୀ ଦାସ, ସୁସ୍ମିତା କୋଶଲା, ମୋହିନୀ ନାଏକ, ନିରୁପମା ବାରିକ, କାମଦେବ, ହେମଲତା ସୋଉନ୍ତା ଓ ଗୌରୀ ପ୍ରମୁଖ ଉପସ୍ଥିତ ଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray